୨୬ ବର୍ଷରେ

ସମ୍ପୂର୍ଣ୍ଣ ନିରପେକ୍ଷ ସାପ୍ତାହିକ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

Vol.26 . No.30 Bhubaneswar Tuesday March 05 2024 | ୨୬ତମ ବର୍ଷ ସଂଖ୍ୟା-୩୦ ଭୁବନେଶ୍ୱର, ମଙ୍ଗଳବାର, ମାର୍ଚ୍ଚ ୦୫, ୨୦୨୪ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹ 1.50 | (Air Surcharge - 0.50P) | Member-INS


ସତ୍ୟମେବ ଜୟତେ
ଭାରତ ସରକାର

# ବିକଶିତ ଭାରତ, ବିକଶିତ ଓଡ଼ିଶା

# ମୋଦୀ ସରକାରଙ୍କ ଗ୍ୟାରେଣ୍ଟି



## ଓଡ଼ିଶା ପାଇଁ ୨୦ ହଜାର କୋଟି ଟଙ୍କାରୁ ଉର୍ଦ୍ଧ୍ୱ ମୂଲ୍ୟର ବିବିଧ ବିକାଶୋନ୍ମୁଖୀ ପ୍ରକଳ୍ପର ଉପହାର

### ରାଷ୍ଟ୍ର ଉଦ୍ଦେଶ୍ୟରେ ସମର୍ପଣ

- ବଂଶପାଣି-ଦୈତାରୀ-ଟମ୍‌କା-ଯଖପୁରା ରେଳ ଲାଇନ୍ (୧୬୨ କିମି)
- ୧୦୪.୧୭୬ କିମି ପାଇଁ ୪୯ନଂ ଜାତୀୟ ରାଜପଥର ସିଙ୍ଗଡ଼ା-ବିଞ୍ଜାବାହାଲ ସେକ୍ସନ ୪ ଲେନ୍
- ୭୮.୩୧୮ କିମି ପାଇଁ ୪୯ନଂ ଜାତୀୟ ରାଜପଥର ବିଞ୍ଜାବାହାଲ-ତିଲେଇବଣୀ ସେକ୍ସନ ଯାଏ ୪ ଲେନ୍
- ୫୬.୭୮୮ କିମି ପାଇଁ ୧୬ନଂ ଜାତୀୟ ରାଜପଥର ଟାଙ୍ଗୀ-ଭୁବନେଶ୍ୱର ସେକ୍ସନ ଯାଏ ୬ ଲେନ୍
- ୮୧.୨୬ କିମି ପାଇଁ ୧୮ନଂ ଜାତୀୟ ରାଜପଥର ବାଲେଶ୍ୱର-ଝାରପୋଖରିଆ ସେକ୍ସନ ଯାଏ ୪ ଲେନ୍
- ଖୋର୍ଦ୍ଧା ରୋଡ୍-ବାରଙ୍ଗର ତୃତୀୟ ରେଳ ଲାଇନ୍ (୩୨.୩୪କିମି)
- ଗଞ୍ଜାମରେ ଦିନକୁ ୫୦ ଲକ୍ଷ ଲିଟର କ୍ଷମତା ବିଶିଷ୍ଟ ସମୁଦ୍ର ଜଳରୁ ଲବଣ ଅପସାରଣ ପ୍ଲାଣ୍ଟ

### ଶିଳାନ୍ୟାସ

- ୭୭ କିମି ପାଇଁ ୫୩ନଂ ଜାତୀୟ ରାଜପଥର ଚଣ୍ଡିଖୋଲ-ପାରାଦୀପ ସେକ୍ସନ ଯାଏ ୮ ଲେନ୍
- ୨୦ନଂ ଜାତୀୟ ରାଜପଥର ୦ରୁ ୩୫.୮୦୦ କିମି ୪ଏଲ୍+ପିଏସ୍ /୨ଏଲ୍+ ପିଏସ୍ (କୁଆଖିଆ- ମଙ୍ଗଳପୁର ସେକ୍ସନ)
- ନର୍ଲାଠାରେ ଇଲେକ୍ଟ୍ରିକ୍ ଲୋକୋ ପିରିଓଡିକାଲ ଓଭରହୋଲିଙ୍ଗ ୱାର୍କସପ୍
- କଣ୍ଟାବାଞ୍ଜିରେ ୱାଗନ୍ ପିରିଓଡିକାଲ୍ ଓଭରହୋଲିଙ୍ଗ ୱାର୍କସପ୍
- ବାଘୁଆପାଳରେ ୱାଗନ ରକ୍ଷଣାବେକ୍ଷଣ ସୁବିଧାକେନ୍ଦ୍ର

### ଉଦ୍‌ଘାଟନ

- ଇଣ୍ଡିଆନ୍ ଅଏଲ୍ କର୍ପୋରେସନ୍ ଲିମିଟେଡ୍‌ର ପାରାଦୀପ ବିଶୋଧନାଗାରରେ ମୋନୋ ଇଥିଲିନ୍ ଗ୍ଲାଇକୋଲ୍(ଏମ୍‌ଇଜି) ପ୍ରକଳ୍ପ
- ଇଣ୍ଡିଆନ୍ ଅଏଲ୍‌ର ପାରାଦୀପ-ସୋମନାଥପୁର-ଦଳଦିଆ ପ୍ରକଳ୍ପ ପାଇପ୍‌ଲାଇନ୍
- ପାରାଦୀପରେ ଇଣ୍ଡିଆନ୍ ଅଏଲ୍ ଏଲପିଜି ଆମଦାନୀ ଟର୍ମିନାଲ୍
- କଳିଙ୍ଗ ନଗର ଅଞ୍ଚଳରେ କୋନ୍‌କୋର୍ କଣ୍ଟେନର୍ ଡିପୋଟ୍

### ଶୁଭାରମ୍ଭ

- କେନ୍ଦୁଝରଗଡ଼ ଷ୍ଟେସନରୁ ପୁରୀ-ଆନନ୍ଦବିହାର ଟର୍ମିନାଲ୍ ମଧ୍ୟରେ ନୂଆ ଟ୍ରେନ୍
- ପାରାଦୀପ ଷ୍ଟେସନରୁ ପାରାଦୀପ-କେନ୍ଦୁଝରଗଡ଼ ମଧ୍ୟରେ ନୂଆ ଟ୍ରେନ୍
- ଏମ୍‌ଏମ୍‌ଏଲ୍‌ପି ଯାଜପୁର, ଓଡ଼ିଶାରୁ ଆଇସିଡି ଦାଦରୀ, ଉତ୍ତରପ୍ରଦେଶରୁ କଣ୍ଟେନର୍ ଟ୍ରେନ୍

### ପ୍ରକଳ୍ପର ଲାଭ

| | | | | |
|---|---|---|---|---|
| ଆତ୍ମନିର୍ଭରତା ଏବଂ ଶକ୍ତି କ୍ଷେତ୍ରରେ ସ୍ୱାବଲମ୍ବନ ଦିଗରେ ମହତ୍ୱପୂର୍ଣ୍ଣ ପଦକ୍ଷେପ | ୬୦ ଲକ୍ଷ ଶ୍ରମଦିବସର ନିଯୁକ୍ତି ସୃଷ୍ଟି | ଓଡ଼ିଶା ଏବଂ ପାର୍ଶ୍ୱବର୍ତ୍ତୀ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଏବଂ ଛତିଶଗଡ଼ ମଧ୍ୟରେ ଉନ୍ନତ ଯୋଗାଯୋଗ | କ୍ଷେତ୍ରୀୟ ବ୍ୟବସାୟ ଏବଂ ଔଦ୍ୟୋଗିକ ଅଭିବୃଦ୍ଧି ନିମନ୍ତେ ଉତ୍ତମ ରେଳ ଯୋଗାଯୋଗ | ପାରାଦୀପ ବନ୍ଦରକୁ ଉନ୍ନତ ଯୋଗାଯୋଗ |

## ଶ୍ରୀ ନରେନ୍ଦ୍ର ମୋଦୀ

ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ କରକମଳରେ

ଗରିମାମୟ ଉପସ୍ଥିତି

**ଶ୍ରୀଯୁକ୍ତ ରଘୁବର ଦାସ**
ରାଜ୍ୟପାଳ, ଓଡ଼ିଶା

**ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ଶ୍ରୀଯୁକ୍ତ ଧର୍ମେନ୍ଦ୍ର ପ୍ରଧାନ**
କେନ୍ଦ୍ର ଶିକ୍ଷା ଏବଂ ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ

**ଶ୍ରୀଯୁକ୍ତ ବିଶ୍ୱେଶ୍ୱର ଟୁଡୁ**
ଜନଜାତୀୟ କାର୍ଯ୍ୟ ଏବଂ ଜଳଶକ୍ତି ରାଜ୍ୟ ମନ୍ତ୍ରୀ

ଚଣ୍ଡୀଖୋଲ, ଓଡ଼ିଶା, ମଙ୍ଗଳବାର, ୫ ମାର୍ଚ୍ଚ, ୨୦୨୪, ଅପରାହ୍ନ ୦୩:୧୫ ଘଟିକା



DD NEWS ଡିଡି ନ୍ୟୁଜ୍‌ରେ କାର୍ଯ୍ୟକ୍ରମର ସିଧାପ୍ରସାରଣ ଦେଖନ୍ତୁ






# ଟି ଟାଇମ୍

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ । ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ପୁରାଣ କାହାଣୀ

# ରାମଙ୍କ ପିତୃସତ୍ୟ ପାଳନ



ମନ୍ଥରା କଥାରେ କୈକେୟୀ ରାଜା ଦଶରଥଙ୍କୁ ଏକଦା ପ୍ରତିଜ୍ଞା କରିଥିବା ଦୁଇଟି ବର ପ୍ରଦାନ କରିବା ଛଳରେ ଏହି ଦୁଇ ବର ମାଗିଲେ ଯେ, ରାମ ବାର ବର୍ଷ ପାଇଁ ବନବାସ କରିବାକୁ ଯିବେ ଓ ତାଙ୍କ ପୁତ୍ର ଭରତ ରାଜା ହେବେ। ରାଜା ଦଶରଥ ଅତିଶୟ ଦୁଃଖରେ ତାଙ୍କ ସତ୍ୟ ରକ୍ଷା କଲେ। ଏହା ଶୁଣି ରାମ ଧୀର ଚିତ୍ତରେ ପିତୃ-ସତ୍ୟ ପାଳନ ନିମନ୍ତେ କିଞ୍ଚିତ ଦୁଃଖ ପ୍ରକାଶ କଲେ ନାହି। ରାମଙ୍କର ଏହି ମହନୀୟତା ହିଁ ସାରା ରାମାୟଣରେ ଅନେକ ରୂପରେ ପ୍ରକାଶିତ ହୋଇଛି। ରାମଙ୍କର ଶତ ବାରଣ ସତ୍ତ୍ୱେ,ବନବାସ ବେଳେ ରାମଙ୍କର ଅନୁସରଣ କରିବା ପାଇଁ ଦେବୀ ସୀତା ଏବଂ ଭ୍ରାତା ଲକ୍ଷ୍ମଣ ଇଚ୍ଛା ପ୍ରକାଶ କଲେ। ରାମଙ୍କର ବାରଣର ଉତ୍ତରରେ ସୀତା କହନ୍ତି, ଆପଣଙ୍କ ପାଦ ଯେଉଁ ବନପ୍ରଦେଶରେ ପଡିମ ତାହା ମୋ ପାଇଁ ଅଯୋଧ୍ୟା ଆଉ ଆପଣଙ୍କ ବିନା ଆୟୋଧ୍ୟା ମଧ୍ୟ ମୋ ପାଇଁ ନର୍କ ସଦୃଶ। ଇତି ମଧ୍ୟରେ ଭାରତ, ଟିଏ କି ମାତୃଳଙ୍କ ଗୃହକୁ ବୁଲି ଯାଥିଲେ, ଏଖବର ଶୁଣି ଗଭୀର ଦୁଃଖ ପ୍ରକାଶ କଲେ। ରାଜା ହେବାର ସୁଯୋଗ ପରିତ୍ୟାଗ କରି ସେ ଭ୍ରାତା ରାମଙ୍କୁ ଦେଖା କରିବା ପାଇଁ ସେ ବନ ଗମନ କରି ରାମଙ୍କୁ ଦେଖା କଲେ। ରାମଙ୍କୁ ବହୁତ ଅନୁନୟ ବିନୟ ପୂର୍ବକ ଫେରିଆସିବାକୁ ଏବଂ ରାଜ୍ୟ ଭାର ଗ୍ରହଣ କରିବାକୁ ଆକୁଳ ପ୍ରାର୍ଥନା କଲେ। କିନ୍ତୁ ରାମ ପିତୃ-ସତ୍ୟ ପାଳନ ନିମନ୍ତେ ସମସ୍ତ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରି ବନବାସ ପୂର୍ବରୁ ରାଜ୍ୟକୁ ଫେରିବାକୁ ମନା କରିଦେଲେ। ତେବେ ଏକ ବିରଳ ଭ୍ରାତୃ ଭକ୍ତିର ଉଦାହରଣ ସ୍ୱରୂପ ଭରତ ଭ୍ରାତା ରାମଙ୍କ କଠଉ ଯୋଡିକ ମସ୍ତକରେ ଧାରଣ ପୂର୍ବକ ଫେରି ଆସିଲେ ଏବଂ ସିଂହାସନରେ ରାମଙ୍କ କଠଉ ସ୍ଥାପନ ପୂର୍ବକ ରାମଙ୍କ ପ୍ରତିନିଧି ଭାବରେ ରାଜ୍ୟ ଶାସନ କରିବାକୁ ଲାଗିଲେ।

## ଆଜିର ଭାଗ୍ୟ

**ମେଷ** କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

## ପଲ୍ଲୀ କବି ନନ୍ଦ କିଶୋର ବଳ



ଓଡିଶା ସାହିତ୍ୟର ପ୍ରାକ୍- ଆଧୁନିକ କାଳରେ ଜଣେ କବି ଥିଲେ। ସେ ଓଡିଶାର ପୁରପଲ୍ଲୀ ଉପରେ କାବ୍ୟ ରଚନା କରିଥିବାରୁ ତାଙ୍କୁ ପଲ୍ଲୀ କବି ବୋଲି ସମ୍ବୋଧନ କରାଯାଏ। ସେ ଓଡିଶାର କଟକ ଜିଲ୍ଲା ଅନ୍ତର୍ଗତ କୁସୁପୁର ଗାଆଁରେ ଜନ୍ମଗ୍ରହଣ କରିଥିଲେ। ପିତାଙ୍କ ନାମ ଥିଲା ଭଜନାନନ୍ଦ ଜେନା ଓ ମାତାଙ୍କର ନାମ ହିରଣ୍ମୟୀ ଦେବୀ। ଶୈଶବରେ ସେ "ରସାନନ୍ଦ ଜେନା" ନାମରେ ପରିଚିତ ଥିଲେ। ପିଉସୀ ପୋଷ୍ୟପୁତ୍ର କରିନେବା ପରେ ସେ ନନ୍ଦକିଶୋର ବଳ ଭାବରେ ପରିଚିତ ହେଲେ। ବାଲ୍ୟ ଜୀବନ କୁସୁପୁରରେ ହିଁ କଟିଥିଲା। ଗାଁ ସ୍କୁଲରୁ ଆରମ୍ଭ କରି, ସେ କଟକ ଟାଉନ ସ୍କୁଲ, ରେଭେନ୍ସା କଲିଜିଏଟ ସ୍କୁଲ, କେନ୍ଦ୍ରାପଡା ଉଚ୍ଚ ଇଂରାଜୀ ବିଦ୍ୟାଳୟ ଓ ରେଭେନ୍ସା ମହାବିଦ୍ୟାଳୟରେ ଶିକ୍ଷାଲାଭ କରିଥିଲେ। ଭକ୍ତି କବି ବଧୁସୂଦନ ରାଓଙ୍କ ଦ୍ୱାରା ପ୍ରତିଷ୍ଠିତ କଟକରେ ଟାଉନ ସ୍କୁଲରୁ ନନ୍ଦ କିଶୋର ନିଜର ଚାକିରି ଜୀବନ ଆରମ୍ଭ କରିଥିଲେ। କିଛି ବର୍ଷ ପରେ, ସେ ସ୍କୁଲ ସବ୍‌ଇନସିପେକ୍ଟର ଭାବେ ପଦୋନ୍ନତି ପାଉଥିଲେ। ଏହି ଚାକିରିରେ ବାରମ୍ବାର ଗସ୍ତ ଓ ବଦଳି ଯୋଗୁଁ ତାଙ୍କ ଦେହ ଖରାପ ହେଉଥିଲା। ଏହି କାରଣରୁ ସେ ସ୍ୱେଚ୍ଛାକୃତ ଅବସର ନେଇ ଗାଁରେ ରହିବାକୁ ସ୍ଥିର କରିଥିଲେ। କିନ୍ତୁ ଚିକିତ୍ସା ପାଇଁ ତାଙ୍କୁ ପୁନର୍ବାର କଟକ ଆସିବାକୁ ପଡିଥିଲା। ୧୯୨୮ ମସିହା ଜୁଲାଇ ୧ ତାରିଖରେ ଇହଲିଳା ସମ୍ବରଣ କରିଥିଲେ। ରଚନାବଳୀନନ୍ଦ କିଶୋର, କଲେଜରେ ପଢ଼ିଲା ବେଳୁହିଁ ପ୍ରବନ୍ଧ ଲେଖିବା ଆରମ୍ଭ କରିଥିଲେ। ନିଜର ପ୍ରଥମ ପ୍ରଥମ ପ୍ରବନ୍ଧକୁ ସେ "ପଲ୍ଲୀ ଚିତ୍ର" ନାମରେ କବିତାର ରୂପ ଦେଇଥିଲେ। ତାଙ୍କର ରଚନାବଳୀରେ ପଲ୍ଲୀ ପ୍ରକୃତିର ସୁନ୍ଦର ବର୍ଣ୍ଣନା ଫୁଟିଉଠିଥାଏ। ପିଲାମାନଙ୍କ ପାଇଁ ତାଙ୍କଦ୍ୱାରା ରଚିତ "ନାନା ବାୟା ଗୀତ" ଓଡିଶାର ପୁରପଲ୍ଲିରେ ବେଶ୍ ପ୍ରଚଳିତ। ସେ ୧୦୦ରୁ ଅଧିକ ସନେଟ ମଧ୍ୟ ଲେଖିଛନ୍ତି। ତାଙ୍କର ସନେଟ ଗୁଡିକ ପ୍ରକୃତି ଓ ଜନଜୀବନର ଛବିରେ ପୁଷ୍ଟ। ୧୯୨୫ରେ ସେ କନକଲତା (ଉପନ୍ୟାସ) ନାମରେ ଉପନ୍ୟାସଟିଏ ମଧ୍ୟ ରଚିଯାଇଛନ୍ତି।

## ରଣବୀର-କ୍ୟାଟ୍ରିନାଙ୍କୁ ନେଇ ଚର୍ଚ୍ଚା



ରଣବୀର କପୁର ଓ କ୍ୟାଟ୍ରିନା କୈଫଙ୍କ ଅଭିନୀତ ଫିଲ୍ମ 'ଜଗା ଜାସୁସ୍'ର ପ୍ରଥମ ପୋଷ୍ଟର ରିଲିଜ କରାଯାଇଛି। ୟୁଟିଭି ମୋଶନ ପିକଚର୍ସର ଟ୍ୱିଟରରେ ଏହି ପୋଷ୍ଟର ରିଲିଜ କରାଯାଇଛି। ଯେଉଁଥିରେ ଉଭୟ ରଣବୀର ଓ କ୍ୟାଟ୍ରିନାଙ୍କୁ ଓଟପକ୍ଷୀ ଉପରେ ବସି ଯାଉଥିବାର ଦେଖିବାକୁ ମିଳିଛି। ଦୁଇଜଣଙ୍କ ଲୁକ୍ ମଧ୍ୟ ଖୁବ୍ ମଜାଳିଆ ହୋଇଛି। ଯାହାକୁ ଦେଖିବା ପରେ ଫିଲ୍ମ ରିଲିଜର ଅପେକ୍ଷାରେ ରହିଛନ୍ତି ଦର୍ଶକ। ଫିଲ୍ମକୁ ନେଇ ବ୍ୟଗ୍ରତାର ଅନ୍ୟ ଏକ କାରଣ ହେଉଛି ବ୍ରେକଅପ୍ ପରେ ପୁଣିଥରେ ରଣବୀର ଓ କ୍ୟାଟ୍ରିନାଙ୍କୁ ଏଥିରେ ଏକାଠି ଦେଖିବାକୁ ମିଳିବ। ଯାହା ସେମାନଙ୍କ ପ୍ରଶଂସକଙ୍କ ପାଇଁ ଖୁସିର ମୁହୂର୍ତ୍ତ। ତେବେ ଅନୁରାଗ ବସୁଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମଟି ଚଳିତ ବର୍ଷ ୨୭ ନଭେମ୍ବରରେ ରିଲିଜ କରାଯାଇଥା'ନ୍ତା। ମାତ୍ର ରଣବୀର ଓ କ୍ୟାଟ୍ରିନାଙ୍କ ବ୍ରେକଅପ୍ ଏବଂ ଦୁଇଜଣଙ୍କ ବ୍ୟସ୍ତ ସିଡ୍ୟୁଲକୁ ନେଇ ଫିଲ୍ମଟି ନିର୍ଦ୍ଧାରିତ ସମୟରେ ଶେଷ ହୋଇପାରିନଥିଲା। ତେଣୁ ଏହାର ରିଲିଜ ଡେଟ୍‌କୁ ଘୁଞ୍ଚାଯାଇ ଆସନ୍ତା ବର୍ଷ ଅପ୍ରେଲ ୭ ତାରିଖକୁ ରଖାଯାଇଛି।

## ଉଚ୍ଚ ରକ୍ତଚାପରୁ ରକ୍ଷା କରିବ ଗଭୀର ନିଃଶ୍ୱାସ



ଶରୀରରେ ଯେକୌଣସି ରୋଗର ଉପସ୍ଥିତି ଅଧିକାଂଶ ଲୋକଙ୍କୁ ବହୁତ ଡେରିରେ ଜଣା ପଡ଼ିଥାଏ । ସେଭଳି ଏକ ରୋଗ ହେଉଛି ଉଚ୍ଚ ରକ୍ତଚାପ । ଉଚ୍ଚ ରକ୍ତଚାପକୁ ସାଇଲେଣ୍ଟ କିଲର କୁହାଯାଏ । ଯଦି ଆପଣ ସେଭଳି ସ୍ଥିତିରେ ଗତି କରୁଛନ୍ତି ଓ ଔଷଧପତ୍ର ଖାଇବା ଝାମେଲାରୁ ମୁକୁଳିବାକୁ ଚାହୁଁଛନ୍ତି ତେବେ ଆପଣ ଆପଣଙ୍କ ଲାଇଫ ଷ୍ଟାଇଲକୁ ବଦଳାନ୍ତୁ । ଦୀର୍ଘ ଶ୍ୱାସକ୍ରିୟାରେ ଆରାମ-କିଛି ବ୍ୟକ୍ତିଙ୍କର ରକ୍ତଚାପ ସନ୍ଧ୍ୟା ତୁଳନାରେ ସକାଳ ସମୟରେ ଅଧିକ ଥାଏ । ଏହାର କାରଣ ରାତିରେ ଅମ୍ଳଜାନର ଅଭାବ। ବିପି ନିୟନ୍ତ୍ରଣ ରଖିବା ପାଇଁ ଅମ୍ଳଜାନର ମୁଖ୍ୟ ଭୂମିକା ରହିଛି । ଏଥିପାଇଁ ଦିନବେଳେ ଶାନ୍ତ ପରିବେଶରେ ବସି ୧୦ରୁ ୧୫ ଥର ପେଟ ଭିତରୁ ଦୀର୍ଘ ନିଃଶ୍ୱାସ ନେବା ଉଚିତ୍ । ଏସ୍‌ଏମ୍‌ଏସ୍ ଡାକ୍ତରଖାନାର ଫିଜିସିଆନ୍ ଡା. ସି.ଏଲ୍.ନବଲଙ୍କ କହିବା ଅନୁସାରେ ଗଭୀର ନିଃଶ୍ୱାସ ପ୍ରଶ୍ୱାସ ନେଲେ ଶରୀରରେ ଅମ୍ଳଜାନ ଓ ରକ୍ତ ସଞ୍ଚାଳନ ସୁଚାରୁ ରୂପେ ହୋଇଥାଏ । ତା'ସହିତ ମାନସିକ ରୂପରେ ଶାନ୍ତି ମିଳିଥାଏ ।

## ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

## ବିଲେଇଙ୍କୁ ମିଳୁଛି ସରକାରୀ ଚାକିରି, ମୋଟା ଦରମା



ଲଣ୍ଡନ ଗୋଟିଏ ପଟେ ଦେଶରେ ବେରୋଜଗାରୀ ସମସ୍ୟା ବୃଦ୍ଧି ପାଉଥିଲା ବେଳେ ଅନ୍ୟପଟେ ଏଠି ବିଲେଇକୁ ପ୍ରଦାନ କରାଯାଉଛି ସରକାରୀ ଚାକିରି ଏବଂ ଚାକିରି ବାବଦରେ ମିଳୁଛି ମୋଟା ଦରମା। ନିକଟରେ ଦେଶର କ୍ୟାବିନେଟ୍ ଦୁଇ ବିଲେଇକୁ ସରକାରୀ ନିଯୁକ୍ତି ପାଇଁ ମଞ୍ଜୁର ଦେଇଛି। ଇବି ଏବଂ ଓସି ନାମକ ଏହି ଦୁଇ ବିଲେଇ ଏବେ ବ୍ରିଟିସ ସରକାରଙ୍କ କ୍ୟାବିନେଟ୍ କାର୍ଯ୍ୟାଳୟରେ ଚାକିରି କରୁଛନ୍ତି। ବିଲେଇଙ୍କୁ ନିଯୁକ୍ତି ଦିଆଯିବା ପୂର୍ବରୁ ବିଧିବଦ୍ଧ ଭାବେ ବିଜ୍ଞାପନ ଦିଆଯାଇଥିଲା। ବିଜ୍ଞାପନରେ ସେମାନଙ୍କର ଯୋଗ୍ୟତା ସହ ବାୟୋଡାଟା ମଧ୍ୟ ମଗାଯାଇଥିଲା। ଏହି ନିଯୁକ୍ତି ପାଇଁ ଅନେକ ଆବେଦନ ପତ୍ର ମିଳିଥିଲା ବେଳେ ଦକ୍ଷତାକୁ ଦୃଷ୍ଟିରେ ରଖି ଦୁଇ ବିଲେଇଙ୍କୁ ନିଯୁକ୍ତି ଦିଆଯାଇଛି। ଏମାନଙ୍କର ଦାୟିତ୍ୱ ହେଉଛି କ୍ୟାବିନେଟ୍ କାର୍ଯ୍ୟାଳୟରୁ ମୂଷା ମାରିବା। ଗତକିଛି ବର୍ଷ ଧରି ଏଠାର କ୍ୟାବିନେଟ୍ କାର୍ଯ୍ୟାଳୟରେ ମୂଷାଙ୍କ ଉତ୍ପାତ ବୃଦ୍ଧି ପାଉଥିଲା ବେଳେ ସେମାନଙ୍କ ଦ୍ୱାରା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ନଷ୍ଟ ହେବାରେ ଲାଗିଛି। ଯେଉଁ କାରଣରୁ ସରକାର ବାଧ୍ୟରେ ମୂଷା ନିୟନ୍ତ୍ରଣ ପାଇଁ ବିଲେଇ ନିଯୁକ୍ତି ଦେଇଛନ୍ତି।

## ଶୀତ ଋତୁରେ ରୋଗ ବେଶୀ



ଶୀତଋତୁ ଆସିଲେ ବିଭିନ୍ନ ପ୍ରକାର ରୋଗ ମଧ୍ୟ ସାଙ୍ଗରେ ଆଣି ଆସିଥାଏ । ଯେପରି ଥଣ୍ଡା, ସଂକ୍ରମଣ, ତ୍ୱଚ ଫାଟିବା ଇତ୍ୟାଦି । କେତେକ ଲୋକଙ୍କର ଭାବନା ରହିଥାଏ କି ସନସ୍କ୍ରିନ୍‌ର ପ୍ରୟୋଗ କେବଳ ଗ୍ରୀଷ୍ମ ଦିନମାନଙ୍କରେ କରାଯାଇଥାଏ କିନ୍ତୁ ଏପରି ଭାବିବା ସମ୍ପୂର୍ଣ୍ଣ ରୂପେ ଭୁଲ୍ । ଥଣ୍ଡା ଦିନମାନଙ୍କରେ ସୂର୍ଯ୍ୟ ଭୂପୃଷ୍ଠର ସବୁଠାରୁ ନିକଟତର ହୋଇଥାନ୍ତି । ଏଥିପାଇଁ ସୂର୍ଯ୍ୟଙ୍କ କିରଣ ଅଧିକ କ୍ଷତି ପହଞ୍ଚାଇଥାଏ । ଥଣ୍ଡା ଦିନମାନଙ୍କରେ କସରତ କରିବା କ୍ଷତିକାର ହୋଇପାରେ । ଏପରି ଭାବିବା ବିଲ୍‌କୁଲ୍ ଭୁଲ୍ । ବାସ୍ ଏହି କଥାର ଧ୍ୟାନ ରଖନ୍ତୁ କି ବାହାରକୁ ବାହାରିବା ପୂର୍ବରୁ ନିଜକୁ ଥଣ୍ଡାରୁ ବଞ୍ଚେଇବାର ସମସ୍ତ ଉପାୟକୁ ସାଙ୍ଗରେ ଧରି ଯାଆନ୍ତୁ । ଥଣ୍ଡା ଦିନମାନଙ୍କରେ ମଦ୍ୟପାନ କରିବା ଦ୍ୱାରା ଶରୀର ଗରମ ପହଞ୍ଚାଇଥାଏ ବୋଲି ଅନେକଙ୍କର ଭାବନା ରହିଥାଏ । କିନ୍ତୁ ବାସ୍ତବରେ ଏହା ଅଳ୍ପ କିଛି ସମୟ ପାଇଁ ଆପଣଙ୍କ ଶରୀରକୁ ଗରମ ରଖିଥାଏ । ଲମ୍ବା ସମୟ ପର୍ଯ୍ୟନ୍ତ ଏହା କାମ କରିନଥାଏ । ଅଧିକ ସମୟ ପର୍ଯ୍ୟନ୍ତ ଥଣ୍ଡାରେ ଘରଠୁ ବାହାରେ ରହିବା ଦ୍ୱାରା ରୋଗ ଆକ୍ରାନ୍ତ ହେବାର ଆଶଙ୍କା ଅଧିକ ରହିଥାଏ । ଏପରି ବିଲ୍‌କୁଲ୍ ନୁହେଁ । ଏହି ମୌସୁମୀରେ ଥଣ୍ଡା, କାଶ, କେବଳ ବ୍ୟାକ୍ଟେରିୟା ଏବଂ ସଂକ୍ରମଣ କାରଣରୁ ହିଁ ହୋଇଥାଏ । ଥଣ୍ଡା ମୌସୁମିରେ ଅଧିକ ଚିନ୍ତା ରହିଥାଏ । ଭିଟାମିନ୍ ସି ଇମ୍ୟୁନିଟିକୁ ବଢେଇଥାଏ ଏବଂ ଥଣ୍ଡା ଦିନମାନଙ୍କରେ ହେଉଥିବା ରୋଗ ମାନଙ୍କଠାରୁ ବଞ୍ଚେଇଥାଏ ।




# ‘ଜଗତ ମାତା ଚ ପ୍ରକୃତିଃ ପୁରୁଷଶ୍ଚ ଜଗତ ପିତା ।’

ମହାବିଷୁବ ସଂକ୍ରାନ୍ତିର ପୂର୍ବରୁ ହାତ ଛାଡ଼ି ଦେଲେ ମୋ ଜୀବନର ସବୁ କିଛି ପ୍ରେରଣା ଥିବା ଜେଜିମା। ତାଙ୍କ ଜୀବନଟା ଥିଲା ଆମ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ। ଏକ ବଡ଼ ଯୌଥ ପରିବାରରେ ଜନ୍ମ ହୋଇ ଦାୟିତ୍ୱ ନିର୍ବାହ କରି ଗରିବ, ଅନାଥ, ଅସହାୟ ଝିଅ ଓ ମହିଳାମାନଙ୍କ ପାଇଁ ତାଙ୍କ ଜୀବନର ଶେଷ ନିଶ୍ୱାସ ହିଁ କାନ୍ଦୁଥିଲା। ସେ ଥିଲେ ମୋ ଆଧାତ୍ମିକ ସମାଜ ସେବାର ଉତ୍ସ ରୁକ୍ମଣୀ ମାଆ। ପିଲାବେଳର ସ୍ମୃତି ମନେପଡ଼ିଗଲା ବେଳେ ଭାବେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ତତ୍ତ୍ୱଜ୍ଞାନ ଯାହା ଥିଲା ସବୁବେଳେ ପ୍ରେରଣା, ସମାଜ ସେବା ହିଁ ବଡ଼ ଉତ୍ସ। ନିଜ ଜୀବନରେ ସେ କେବେ ନିଜର ସମାଜ ସେବାକୁ ପ୍ରଚାର ପ୍ରସାର ଚାହୁଁ ନଥିଲେ ଏବଂ ସଂଯୋଗ ବଶତଃ ମହାପ୍ରଭୁ ଶ୍ରୀଜଗନ୍ନାଥ ହାତଛନ୍ଦି ଥିଲେ ମୋ ଜୀବନ ସାଥି ଉଦୟ କୁମାର ଦାସଙ୍କ ସହିତ। ଯିଏ କି ଆଧାତ୍ମିକ ସମାଜ ସେବା ପାଇଁ ବଡ଼ ପ୍ରେରଣାର ଉତ୍ସ। ଶାସ୍ତ୍ରରେ ନାରୀମାନଙ୍କୁ ସପ୍ତ ସଦ୍‌ଗୁଣର ଅଧିକାରିଣୀ ବୋଲି କୁହାଯାଇଛି। ସତ୍ୟ, ପ୍ରେମ, ଧର୍ମ, ଶାନ୍ତି, ସହନ, ଆନନ୍ଦ ଓ ସ୍ୱାନୁଭୂତି। ସେ ଘରର ସ୍ତ୍ରୀ, ଯେ କି ଘରର ସୁନାମର ଆଧାର। ସେହିପରି ରାଜ୍ୟ ଦେଶ, ଏପରିକି ବିଶ୍ୱର ମର୍ଯ୍ୟାଦା ରକ୍ଷାରେ ନାରୀମାନଙ୍କର ମୁଖ୍ୟ ଭୂମିକା ରହିଛି। ଘର ଭିତରେ ନାରୀକୁ ଗୃହଲକ୍ଷ୍ମୀର ଉଚ୍ଚ ମର୍ଯ୍ୟାଦା ଦିଆଯାଇଛି। ପତି ଅସୁବିଧାର ସମ୍ମୁଖୀନ ହେବା ବେଳେ ପତ୍ନୀ ସଙ୍ଗେ ସଙ୍ଗେ ତାଙ୍କ ଦୁଃଖରେ ଭାଗୀ ହୁଏ ଏବଂ ପତି ତଥା ପରିବାରର କଲ୍ୟାଣ ପାଇଁ ଯେ କୌଣସି କାର୍ଯ୍ୟ କରିବାକୁ ଯେ କୌଣସି ଦୁର୍ଦ୍ଦଶା ଭୋଗିବାକୁ ଏପରିକି ନିଜର ଜୀବନ ତ୍ୟାଗ କରିବାକୁ ପ୍ରସ୍ତୁତ ଥାଏ। ଘରଣୀ ହିଁ ଘରର ସୁନାମ ପଛରେ ଥାଏ। ନାରୀ ତ୍ୟାଗସ୍ୱରୂପିଣୀ ଅଟେ। ପୁରୁଷ ତ୍ୟାଗ କରୁଥିଲେ ବି ସେଥିରେ ସ୍ୱାର୍ଥଭାବନା ଥାଏ, କିନ୍ତୁ ନାରୀର ତ୍ୟାଗ ପୁରାପୁରି ନିଃସ୍ୱାର୍ଥପର। ସେଥିପାଇଁ ଆମେ ଆମର ନାରୀମାନଙ୍କ ପାଇଁ ଗର୍ବ କରିବା ଉଚିତ।

ବ୍ରହ୍ମବୈବର୍ତ୍ତ ପୁରାଣରେ ବର୍ଣ୍ଣିତ ଅଛି- ‘ଜଗତ ମାତା ଚ ପ୍ରକୃତିଃ ପୁରୁଷଶ୍ଚ ଜଗତ ପିତା। ଗରିୟସୀ ଜଗତାଂ ମାତା, ମାତା ଶତଗୁଣଂ ପିତା।।’ ଅର୍ଥାତ୍ ଜଗତର ଜନ୍ମଦାତ୍ରୀ ହେଉଛନ୍ତି ମାତା। ଜଗତର ପାଳନ ବା ରକ୍ଷାକର୍ତ୍ତା ହେଉଛନ୍ତି ପୁରୁଷ। ସୁତରାଂ ଜନ୍ମଦାତ୍ରୀ ବା ଜଗତର ମାତା, ପିତାଙ୍କ ଠାରୁ ଶହେଗୁଣ ଅଧିକ ଶ୍ରେଷ୍ଠ। ନାରୀଙ୍କ ସ୍ଥାନ ସର୍ବଦା ଆଗରେ। ନାରୀକୁ ପ୍ରଥମ ସ୍ଥାନ ଦିଆଯାଇଛି। ଆଦି ମହୀୟସୀ ମହିଳାମାନେ ନିଜ ନିଜ କ୍ଷେତ୍ରରେ ସେମାନଙ୍କର କାର୍ଯ୍ୟଦକ୍ଷତା ଓ ଅଦମ୍ୟ ଶକ୍ତିର ପରାକାଷ୍ଠା ପ୍ରତିପାଦନ କରି କାଳଜୟୀ ହୋଇପାରିଛନ୍ତି। ନାରୀ ପୁରୁଷଙ୍କଠାରୁ କୌଣସି ଗୁଣରେ କମ ନୁହଁନ୍ତି। ନାରୀ ବିନା ଏ ସୃଷ୍ଟି ସମ୍ଭବ ନୁହେଁ। ନାରୀ ବିନା ସଂସାର କଳ୍ପନା ବୃଥା। ନାରୀ ବିନା ପୁରୁଷ ସମ୍ପୂର୍ଣ୍ଣ ହୋଇପାରେନା। ନର, ନାରୀ ଏକ ରଥର ଦୁଇ ଚକ। ଏକ ଶରୀରର ଦୁଇପାଦ। ଏକ ମୁଖର ଦୁଇ ନେତ୍ର। ଜଣକ ବିନା ଅନ୍ୟଟି ଅସମ୍ପୂର୍ଣ୍ଣ। ତେଣୁ ନାରୀକୁ ପୁରୁଷର ଅର୍ଦ୍ଧାଙ୍ଗିନୀ କୁହାଯାଏ। ଭାରତୀୟ ସଂସ୍କୃତି ଓ ଧର୍ମରେ ନାରୀକୁ ଆବହମନ କାଳରୁ ପୁରୁଷର ଏକ ଓ ଅବିଚ୍ଛିନ୍ନ ଅଙ୍ଗରୂପେ ସ୍ୱୀକାର କରାଯାଇଛି। ପତ୍ନୀ ବିନା ପତିର କୌଣସି ଧର୍ମକାର୍ଯ୍ୟ, ଯଜ୍ଞାଦି କର୍ମ ସଫଳ ହୁଏନା। ତେଣୁ ତ୍ରୈତ୍ତରୀୟ ପୁରାଣରେ ବର୍ଣ୍ଣିତ ଅଛି - ‘ଅଯଜ୍ଞୋ ବା ଏଷ ପୋ ପତ୍ନୀକଃ।।’ ଅର୍ଥାତ୍ ଯିଏ ଅପତ୍ନୀକ, ତାର ଯଜ୍ଞପୂର୍ଣ୍ଣ ହୁଏନା। ପତ୍ନୀ ବିନା ଯଜ୍ଞ ଅସମ୍ଭବ ବା ଅପୂର୍ଣ୍ଣ ରହେ। ନାରୀ ସର୍ବଦା କଲ୍ୟାଣକାରୀ। ସେ ପୂଜ୍ୟା। ଗୃହର ଦୀପ୍ତି। ନାରୀ ଧର୍ମକାର୍ଯ୍ୟର ସହାୟିକା ଅଟନ୍ତି। କୁହାଯାଏ - ଦାରାଧିନ ସ୍ତଥା ସ୍ୱର୍ଗଃ... ଅର୍ଥାତ୍ ସ୍ୱର୍ଗ ସ୍ତ୍ରୀର ଅଧିନ ଅଟେ। ମନୁ ସଂହିତାରେ ବର୍ଣ୍ଣିତ ଅଛି-‘ଯତ୍ର ନାର୍ଯ୍ୟବସ୍ତୁ ପୂଜ୍ୟନ୍ତେ ରମନ୍ତେ ତତ୍ର ଦେବତାଃ, ଯତ୍ରୈତାସ୍ତୁ ନ ପୂଜ୍ୟନ୍ତେ ସର୍ବାସ୍ତତ୍ରା ଫଳାଃ କ୍ରିୟାଃ।।’ ଯେଉଁ ଗୃହରେ ନାରୀକୁ ସମ୍ମାନ ଦିଆଯାଏ, ସେଠାରେ ଦେବ ବାସ କରନ୍ତି। ଯେଉଁଠାରେ ତା’ର ତିରସ୍କାର ହୁଏ, ସେଠାରେ ସମସ୍ତ କାର୍ଯ୍ୟ ନିଷ୍ଫଳ ହୁଏ। ଜୀବନକାଳ ଭିତରେ ସବୁବେଳେ ସମାଜ ସେବା ଓ ଆଧାତ୍ମିକତା ଭିତରେ ଜୀବନ ନିର୍ବାହ କରିଥିବା ଏପରି କ୍ୱଚିତ ମହିଳାଙ୍କ ଜୀବନ ଆମ ପାଇଁ ପ୍ରେରଣାର ଉତ୍ସ।

ନାରୀମାନଙ୍କୁ ଅଷ୍ଟୈଶ୍ୱର୍ଯ୍ୟ ସ୍ୱରୂପିଣୀ ବୋଲି କୁହାଯାଇଛି। ସେଥିପାଇଁ ଆମ ସଂସ୍କୃତିରେ ପିତା, ଗୁରୁ ଓ ଭଗବାନଙ୍କ ଅପେକ୍ଷା ମାତାଙ୍କୁ ସର୍ବୋଚ୍ଚ ସ୍ଥାନ ଦିଆଯାଉଛି। ଯଥାର୍ଥରେ କୁହାଯାଇଛି ‘ଯତ୍ର ନାର୍ଯ୍ୟାସ୍ତୁ ପୂଜ୍ୟନ୍ତେ ତତ୍ର ରମନ୍ତେ ସର୍ବ ଦେବତା’। ତେଣୁ ଉପନିଷଦରେ ବର୍ଣ୍ଣନା ଅଛି - ନାରୀମାନେ ଲକ୍ଷ୍ମୀ ସ୍ୱରୂପିଣୀ ହୋଇଥିବା ଯୋଗୁଁ ସେମାନଙ୍କୁ ସମ୍ମାନିତା କରାଯିବା ବେଳେ ହିଁ ପୃଥିବୀ ସମୃଦ୍ଧିଲାଭ କରିପାରିବ। ତୁମେ ଏହା ନିଜେ ଦେଖିପାରିବ ଯେଉଁଠାରେ ସଚ୍ଚରିତ୍ରା ନାରୀମାନେ ଥାଆନ୍ତି ସେଠାରେ ତୁମେ ସମସ୍ତ ସମୃଦ୍ଧି ପାଇପାରିବ। ତୁମେ ସମସ୍ତେ ଜାଣିଛ ଯେ ବିଶ୍ୱଯୁଦ୍ଧ ସମୟରେ ଅନେକ ଦେଶ କ୍ଷତିଗ୍ରସ୍ତ ହେଲେ। ଭାରତ ଯଦି ଅକ୍ଷୁର୍ଣ୍ଣ ରହିପାରିଲା, ତାହାର କାରଣ ହେଉଛି କେବଳ ସଚ୍ଚରିତ୍ରା ନାରୀମାନଙ୍କ ଉପସ୍ଥିତି। ଭାରତ ନିଜର ମହାନତା ଓ ଗାରିମା ପାଇଁ ନାରୀମାନଙ୍କ ନିକଟରେ ସମ୍ପୂର୍ଣ୍ଣ ଋଣୀ। ତେଣୁ ନାରୀ ମାନଙ୍କୁ ସମ୍ମାନ କର ଏବଂ ସେମାନଙ୍କୁ ସୁଖୀ କର। ଅତୀତ ହେଉ, ବର୍ତ୍ତମାନ ହେଉ ବା ଭବିଷ୍ୟତ ହେଉ ସର୍ବକାଳରେ ନାରୀ ହିଁ ପ୍ରଗତିର ମେରୁଦଣ୍ଡ, ଦେଶ ଓ ଜାତିର ହୃତ୍‌ପିଣ୍ଡ ଓ ପ୍ରାଣବାୟୁ ସଦୃଶ। ଭାରତର ମହାନ ସଂସ୍କୃତିର ସୁରକ୍ଷା କ୍ଷେତ୍ରରେ ନାରୀ ମାନଙ୍କର ଦାନ ଅତୁଳନୀୟ। ବୈଦିକ ଯୁଗରୁ ବର୍ତ୍ତମାନ ପର୍ଯ୍ୟନ୍ତ ନାରୀମାନେ ହିଁ ଭାରତୀୟ ସଂସ୍କୃତିର ସଂରକ୍ଷକ ଓ କର୍ଣ୍ଣଧାର ହୋଇ ଆସିଛନ୍ତି। ଆମ ଜନ୍ମଭୂମି ଭାରତରେ ଅମୃତୋପମ ଭାବ ହେଉଛି ନିଜର ମାତାଙ୍କ ପ୍ରତି ପ୍ରେମ। ଉତ୍ତମ ଚରିତ୍ର ହିଁ ପ୍ରକୃତ ସୌନ୍ଦର୍ଯ୍ୟ, ନୈତିକତା ନାରୀର ପ୍ରାଣବାୟୁ, ଲଜ୍ଜ୍ୟା ତା’ର ଜୀବନୀ ଶକ୍ତି ଓ କଠୋର ସତ୍ୟାନୁସରଣ ହିଁ ତା’ର ପ୍ରତିଦିନର କର୍ତ୍ତବ୍ୟ।

# ରମଜାନର ସୌଭାଗ୍ୟଶାଳୀ ରାତି-ସବେ କଦର

ଇସଲାମ ଧର୍ମରେ ୫ଟି ମୌଳିକ ନୀତି ରହିଛି। କଲମା, ନମାଜ, ରୋଜା, ଜକାତ ଏବଂ ହଜ। କଲମା ଅର୍ଥାତ୍ ଏକେଶ୍ୱର ବିଶ୍ୱାସୀ ହେବା। ନମାଜ ଅର୍ଥାତ୍ ପ୍ରଭୁଙ୍କୁ ଭକ୍ତି କରିବା। ରୋଜା ଅର୍ଥାତ୍ ପବିତ୍ର ରମଜାନ ମାସରେ ଉପବାସ କରିବା। ଜକାତ୍ ଅର୍ଥାତ୍ ବର୍ଷକୁ ଥରେ ଗଚ୍ଛିତ ଧନର ଏକ ନିର୍ଦ୍ଦିଷ୍ଟ ଅଂଶ ପ୍ରଭୁଙ୍କ ପ୍ରସନ୍ନତା ପାଇଁ ଦାନ କରିବା। ଏବଂ ହଜ୍ ଅର୍ଥାତ୍ ତୀର୍ଥ କରିବା। ଏହି ୫ଟି ମୌଳିକ ନୀତି ମଧ୍ୟରୁ ରୋଜା ଅନ୍ୟତମ। ପବିତ୍ର ରମଜାନ ମାସରେ ପ୍ରତ୍ୟେକ ମୁସଲିମମାନେ ଉପବାସ ପାଳନ କରନ୍ତି। ପବିତ୍ର ରମଜାନ ମାସର ଇସଲାମୀୟ ଶାସ୍ତ୍ରରେ ବଡ଼ ମହତ୍ୱ ରହିଛି। ଏହା ଏକ ତପସ୍ୟା ଓ ସାଧନାର ମାସ। କର୍ମ ଦ୍ୱାରା ଫଳ ପ୍ରାପ୍ତିର ମାସ । ଭକ୍ତ ଓ ଭଗବାନଙ୍କ ମିଳନର ମାସ। କିଛି ପାଇବାର ମାସ। ବଦାନ୍ୟତାର ମାସ । କିଛି ପାଳନ କରିବାର ମାସ। ପୁନ୍ୟ ଅର୍ଜନ କରିବାର ମାସ। ସେବା ଓ ସହାୟ୍ୟର ମାସ। ଧୈର୍ଯ୍ୟ ଓ ଆତ୍ମ ସଂଯମର ମାସ। ପ୍ରଭୁଙ୍କୁ ଆପଣା କରିନେବାର ମାସ। ସ୍ୱର୍ଗପ୍ରାପ୍ତିର ମାସ। କୁଭ୍ୟାସ ଦୂର କରିବାର ମାସ। ମାନବ କଲ୍ୟାଣ କରିବା ମାସ। କ୍ଷମାର୍ଚ୍ଚନାର ମାସ। ଆଧାତ୍ମିକ ଋତୁରାଜର ମାସ। ଏକ ସୌଭାଗ୍ୟଶାଳୀ ରାତି ପାଇବାର ମାସ।

ପବିତ୍ର ରମଜାନ ଏପରି ଅନେକ ଐଶରୀୟ ଅନୁଗ୍ରହର ମାସ ହୋଇଥାଏ। ତନ୍ମଧ୍ୟରୁ ଏହି ମାସରେ ଏପରି ଏକ ସୌଭାଗ୍ୟଶାଳୀ ରାତି ଆସିଥାଏ, ଯାହା ହଜାର ରାତି ଠାରୁ ଉତ୍କୃଷ୍ଟ। ଏହି ପରିପ୍ରେକ୍ଷୀରେ ପବିତ୍ର କୋରାନ କୁହେ; “ପ୍ରକୃତରେ ଆମେ ପବିତ୍ର କୋରାନକୁ ଏକ ମହତ୍ୱପୂର୍ଣ୍ଣ ସୌଭାଗ୍ୟଶାଳୀ ରାତିରେ ଅବତୀର୍ଣ୍ଣ କରିଅଛୁ ଏବଂ (ହେ ହଜରତ ମହମ୍ମଦ ସଲ୍ଲମ) ତୁମକୁ କ’ଣ ଜଣା ଯେ ଯେଉଁ ରାତିରେ ଭାଗ୍ୟ ଅବତରଣ କରିଥାଏ ତାହା କ’ଣ ? ଏହି ମହତ୍ୱପୂର୍ଣ୍ଣ ଭାଗ୍ୟଶାଳୀ ରାତି ତ ଏକ ହଜାର ମାସ ଅପେକ୍ଷା ଉତ୍କୃଷ୍ଟତର ଅଟେ । ପ୍ରତ୍ୟେକ ପ୍ରକାରର ଦେବଦୂତ ଓ (ପରିପୂର୍ଣ୍ଣ) ଆତ୍ମା ନିଜ ପାଳନ କର୍ତ୍ତାଙ୍କ ଆଦେଶ ଅନୁଯାୟୀ ଏହି ରାତିରେ ସମସ୍ତ (ସାଂସାରିକ ଓ ଆଧାତ୍ମିକ )କାର୍ଯ୍ୟ ସହ ଅବତରଣ କରିଥାନ୍ତି । ଦେବଦୂତମାନେ (ଅବତରଣ କଲା ପରେ) ସକାଳର ଆଗମନ ପର୍ଯ୍ୟନ୍ତ ଶାନ୍ତି ହି ଶାନ୍ତି ବର୍ଷଣ ହୋଇଥାଏ ।”

ରମଜାନର ଶେଷ ପର୍ଯ୍ୟାୟରେ ଅର୍ଥାତ୍ ଶେଷ ୧୦ ଦିନରେ ଏପରି ଏକ ରାତି ଆସିଥାଏ, ଯାହାକୁ ସୌଭାଗ୍ୟଶାଳୀ ରାତି - ଲଇଲତୁଲ୍ କଦର୍ କୁହାଯାଏ । ସୌଭାଗ୍ୟଶାଳୀ ରାତିର ଅର୍ଥ ହେଲା ଏପରି ଏକ ରାତି ଯେଉଁ ଥିରେ ସିମୀତ ବିଷୟର ନିଷ୍ପତି କରାଯାଏ । ଏହି ସୌଭାଗ୍ୟଶାଳୀ ରାତିରେ ହିଁ ମନୁଷ୍ୟର ଭାଗ୍ୟ ନିର୍ଦ୍ଧାରଣ ହୋଇଥାଏ ଏବଂ ଏହା ନିଷ୍ପତି କରାଯାଇଥାଏ ଯେ ଆସନ୍ତା ବର୍ଷ ତା’ ସହିତ କ’ଣ ହେବ । ସେ କିପରି ଏବଂ



କେତେ ଲାଭବାନ ହେବ ଓ ଉନ୍ନତି କରିବ । ତାକୁ କ’ଣ କ’ଣ ଲାଭ ହାସଲ ହେବ ଏବଂ କି ପ୍ରକାରର କ୍ଷତି ସହିବାକୁ ହେବ । ମନୁଷ୍ୟ ଉନ୍ନତିର ସମସ୍ତ ନିଷ୍ପତି ଏହି ଅନ୍ଧାର ରାତିରେ ହିଁ ହୋଇଥାଏ । ଯେପରି ମନୁଷ୍ୟର ଉନ୍ନତି ମଧ ବାରମ୍ବାର ଅନ୍ଧାରରେ ହୋଇଥାଏ । ମାଆ ପେଟ ଭିତର ମଧ ଅନେକ ଅନ୍ଧାରର ସମଷ୍ଟି ଅଟେ । ତଥା ସେଠାରେ ହିଁ ମନୁଷ୍ୟର ସାଂସାରିକ ଉନ୍ନତିର ନିଷ୍ପତି ହୋଇଥାଏ । ଏହି ସୌଭାଗ୍ୟଶାଳୀ ରାତି ସେହି ଉପଯୁକ୍ତ ବଳିଦାନର ନାମ ଅଟେ, ଯାହା ପ୍ରଭୁଙ୍କ ନିକଟରେ ଗ୍ରହଣୀୟ ହୁଏ ।

ଏହି ସୌଭାଗ୍ୟଶାଳୀ ରାତି ବିଷୟରେ ଯେତେବେଳେ ହଜରତ ମହମ୍ମଦ ସଲ୍ଲମଙ୍କୁ ଜ୍ଞାନ ଦିଆଗଲା । ତେବେ ଆପଣ ଆନନ୍ଦରେ ଘର ବାହାରକୁ ଆସିଲେ କି, ଏ ସମ୍ବନ୍ଧରେ ଲୋକମାନଙ୍କୁ ଅବଗତ କରାଇବେ ତଥା ସେମାନେ ମଧ ଏଥିରୁ ଉପକୃତ ହେବେ । କିନ୍ତୁ ଯେତେବେଳେ ବାହାରକୁ ଆସିଲେ, ଦେଖିଲେ ଦୁଇ ଜଣ ବ୍ୟକ୍ତି ଝଗଡା ଲାଗିଛନ୍ତି । ଆପଣ ସେମାନଙ୍କ ଝଗଡା ଏବଂ ସମସ୍ୟାର ସମାଧାନ କରିବାରେ ବ୍ୟସ୍ତ ହୋଇଗଲେ ଯଦ୍ୱାରା ସେହି ତାରିଖର ଜ୍ଞାନ ଆପଣଙ୍କ ଧାନରୁ ଦୂରେଇ ଗଲା । ଜଣାପଡୁଛି କି ହଜରତ ମହମ୍ମଦଙ୍କୁ ସେହି ଝଗଡା ସମାଧାନ କରିବାରେ ବହୁତ ସମୟ ଲାଗି ଗଲା । ଯେତେବେଳେ ଆପଣ ଏ ଆଡକୁ ପୁନର୍ବାର ଧାନ ଦେଲେ କି ମୁଁ ସୌଭାଗ୍ୟଶାଳୀ ରାତିର ତାରିଖ ବିଷୟରେ ଅବଗତ କରାଇବାକୁ ଆସିଥିଲି । ସେତେବେଳକୁ ଆପଣ ସେ ନିର୍ଦ୍ଦିଷ୍ଟ ତାରିଖ ଭୁଲି ଯାଇଥିଲେ । ବରଂ ଇତିହାସରେ ଲେଖାଅଛି କି ଆପଣଙ୍କୁ ଏ ତାରିଖ ଭୁଲାଇ ଦିଆଯାଇଥିଲା । ତେଣୁ ହଜରତ ମହମ୍ମଦ କହିଲେ କି ସେହି ଝଗଡା ଯୋଗୁଁ ବା ବିଭ୍ରାଟ ଯୋଗୁଁ ସେହି ନିର୍ଦ୍ଦିଷ୍ଟ ସମୟର ଜ୍ଞାନ ଭୁଲାଇ ଦିଆଗଲା । ସେଥି ଯୋଗୁଁ ଏବେ ତ ନିର୍ଦ୍ଦିଷ୍ଟ ତାରିଖ ମନେନାହିଁ କିନ୍ତୁ ତାକୁ ରମଜାନ ମାସ ଶେଷ ୧୦ ଦିନର ଅଛିଣ୍ଡା ତାରିଖରେ ଅର୍ଥାତ୍ ରମଜାନର ୨୧, ୨୩, ୨୫, ୨୭ ଏବଂ ୨୯ ତାରିଖରେ ଅନୁସନ୍ଧାନ କର । ସୌଭାଗ୍ୟଶାଳୀ ରାତିରେ ଭିନ୍ନ ପ୍ରକାରର ପରିସ୍ଥିତି ସୃଷ୍ଟି ହୋଇ ଥିବାର ପରିଲିଖିତ ହୋଇଥାଏ। ଅନେକ ସମୟରେ ଏହି ସୌଭାଗ୍ୟଶାଳୀ ରାତିରେ ଆକସ୍ମାତ ବଜ୍ର ଘାତ ହୋଇ ପାରିଥାଏ, ଝିପିରି ଝିପିରି ବର୍ଷା ହୋଇପାରିଥାଏ। ହୃଦୟର ଭାବନା ଏକ ନିର୍ଦ୍ଦିଷ୍ଟ ସମୟ ପାଇଁ ବିଶେଷ ପ୍ରଫୁଲ୍ଲିତ ହୋଇଉଠି ଥାଏ। ଅଥବା ଅଲ୍ଲାଃଙ୍କ




ବିଶେଷ ପ୍ରେମକୁ ହୃଦୟଙ୍ଗମ ହୋଇପାରିଥାଏ। ଏସବୁ ଲକ୍ଷଣ ବିଭିନ୍ନ ମଣିଷ ଠାରେ ଭିନ୍ନ ଭିନ୍ନ ଅବସ୍ଥାରେ ଦେଖା ଦେଇଥାଏ। ଏବଂ କିଛି ଅନୁଭୂତି ସହ ସେ ଅତିକ୍ରମ କରିଥାଏ । ତାହା ହିଁ ସେହି ମଣିଷ ପାଇଁ ସୌଭାଗ୍ୟଶାଳୀର ରାତି ହୋଇଥାଏ । ଯେଉଁ ବ୍ୟକ୍ତିକୁ ଏହି ସୌଭାଗ୍ୟଶାଳୀ ରାତି ପ୍ରାପ୍ତ ହେବ ସେ ପ୍ରଭୁଙ୍କ କରୁଣା ଏବଂ ସମୃଦ୍ଧି ପାଇବା ପାଇଁ ଏ ପ୍ରାର୍ଥନା କରିବା ଉଚିତ୍ ଯେ “ଅଲ୍ଲାହୁମ୍ମା ଇନ୍ନକା ଅଫୁଉନ୍ ତୁହିବ୍ ବୁଲ୍ ଅଫ୍‌ୱା ଫା’ଫୁଅନ୍ନି” ଅର୍ଥାତ୍ ହେ ଅଲ୍ଲାଃ ତୁମେ କ୍ଷତାଦାତା ଏବଂ କ୍ଷମାଦେବାକୁ ବହୁତ ଭଲ ପାଅ । ତେଣୁ ମୋତେ ବି କ୍ଷମା କରି ଦିଅ। ଏହି ରାତିରେ ପ୍ରଭୁ ତାର ଭକ୍ତ ନିକଟକୁ ଚାଲି ଆସିଥାଏ । ଭକ୍ତର ଭକ୍ତିକୁ ନିକଟରୁ ଦେଖି ପ୍ରସନ୍ନ ହୋଇଥାଏ। ଏବଂ କହିଥାଏ, କ’ଣ ମାଗୁଛୁ ମାଗ । ଆଜି ମୁଁ ସ୍ୱୟଂ ତୋର ପ୍ରତିଫଳ ସ୍ୱରୂପ। ପ୍ରକୃତରେ ଯାହାକୁ ପ୍ରଭୁ ମିଳିଯାଏ, ତାକୁ ଆଉ କ’ଣ ବା ଏ ସଂସାରରେ ଦରକାର !

ସୌଭାଗ୍ୟଶାଳୀ ରାତି ପ୍ରଭୁଙ୍କ ସାନ୍ନିଧ ହାସଲ କରିବା ଫଳରେ ସାଧିତ ହୋଇଥାଏ । ଏହା ନିଷ୍କଳଙ୍କ ହୋଇ ଅଲ୍ଲାଃଙ୍କ ସାନ୍ନିଧ ହାସଲ କରିବା ପାଇଁ ହୋଇଥାଏ । କେବଳ ସାଂସାରିକ ଉଦ୍ଦେଶ୍ୟ ଦ୍ୱାରା ସୌଭାଗ୍ୟଶାଳୀ ରାତି ମିଳି ପାରିନଥାଏ ବରଂ ନିଷ୍ପାପ ହୋଇ ପ୍ରାର୍ଥନା କରିବା ଉଚିତ୍। ଯଦ୍ୱାରା ସାଂସାରିକ ଉଦ୍ଦେଶ୍ୟ ବି ପୂରଣ ହୋଇଥାଏ । ଏହି ସୌଭାଗ୍ୟଶାଳୀ ରାତିକୁ ନିର୍ଦ୍ଦିଷ୍ଟ ତାରିଖ ଦ୍ୱାରା ଧାର୍ଯ୍ୟ କରା ନଯିବାରେ ଏହା ମଧ ରହସ୍ୟ ରହିଛି ଯେ କଳହ, ଅଶାନ୍ତି, ଅରାଜକତା, ଦ୍ୱେଷ ମନଭାବ ଦ୍ୱାରା ସେହି ସୌଭାଗ୍ୟାଶାଳୀ ରାତି ପ୍ରାପ୍ତ ହୋଇପାରିନ ଥାଏ, ବରଂ ଶାନ୍ତି, ସହିଷ୍ଣୁତା, ସାଧୁତା ତଥା ଏକତା ଓ ଅଖଣ୍ଡତା ଏବଂ ଭାଇଚାରା ସ୍ଥାପିତ ଦ୍ୱାରା ହିଁ ସେହି ସୌଭାଗ୍ୟଶାଳୀ ରାତି ମିଳିପାରିଥାଏ। ଯାହା ହଜାର ରାତି ଠାରୁ ଉତ୍କୃଷ୍ଟ । ରମଜାନ ଆମକୁ ଏହି ଶିକ୍ଷା ଦେବାକୁ ଆସିଥାଏ। ଯେଉଁ ବ୍ୟକ୍ତି ଏହି ସୌଭାଗ୍ୟଶାଳୀ ରାତିକୁ ପାଇ ପାରିଥାଏ, ନିଶ୍ଚିତରେ ତା’ର ସବୁ ପ୍ରାର୍ଥନ ଗ୍ରହଣୀୟ ହୋଇଥାଏ। ପ୍ରଭୁଙ୍କ ପ୍ରେମରେ ମଜ୍ଜି ଯାଇଥାଏ। କୁକର୍ମରୁ ଦୂରେଇ ଯାଇଥାଏ। ଭକ୍ତିରେ ବିଭୋଳିତ ହୋଇ ଉଠିଥାଏ। ଏହି ସବୁ ପୁନ୍ୟ କରିବାର ଅଭ୍ୟାସ ତାକୁ ପକାଇ ଦେଇଥାଏ। ଏହି ପରିବର୍ତନ ହିଁ ସେହି ସୌଭାଗ୍ୟଶାଳୀ ରାତିକୁ



ପାଇବାର ସାର ହୋଇଥାଏ। ଇସଲାମର ପ୍ରବର୍ତକ ହଜରତ ମୁହମ୍ମଦ ସଲ୍ଲମ କହିଛନ୍ତି; ହତଭାଗା ସେହି ବ୍ୟକ୍ତି ଯାହାକୁ ଜୀବନରେ ବୃଦ୍ଧ ବାପ-ମାଆ ମିଳିଥାଏ, କିନ୍ତୁ ସେ ତାଙ୍କର ସେବା ଓ ସତ୍କାର କରି ମୋକ୍ଷ ପାପ୍ତି କରି ପାରି ନଥାଏ। ଏବଂ ହତଭାଗା ସେହି ବ୍ୟକ୍ତି ଯାହାର ଜୀବନରେ ପବିତ୍ର ରମଜାନ ଆସିଥାଏ ଅଥଚ ସେ ତା’ର ପ୍ରଭୁଙ୍କ ଠାରୁ ତା’ର ପାପ କ୍ଷମା କରାଇ ପାରି ନଥାଏ। ପ୍ରଭୁ ଆମକୁ ପବିତ୍ର ରମଜାନର ପ୍ରକୃତ ଅର୍ଥକୁ ବୁଝି ତଦନୁଯାୟୀ ନିଜ ଜୀବନ ଅତିବାହିତ କରିବାକୁ ଶକ୍ତି ଓ ସାମର୍ଥ ପ୍ରଦାନ କରନ୍ତୁ । ଏହା ହିଁ ଆମର କାମନା।

# କେନ୍ଦ୍ରାପଡା ଷଷ୍ଠ ଜିଲ୍ଲା ପରିଷଦର ପ୍ରଥମ ସାଧାରଣ ବୈଠକ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଷଷ୍ଠ ଜିଲ୍ଲା ପରିଷଦର ପ୍ରଥମ ସାଧାରଣ ବୈଠକ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପରିଷଦ ସଭାପତି ଗୀତାଞ୍ଜଳୀ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କେନ୍ଦ୍ରାପଡା ବିଧାୟକ ଶଶୀଭୂଷଣ ବେହେରା, ଆଳି ବିଧାୟକ ପ୍ରତାପ କେଶରୀ ଦେବ, ମହାକାଳପଡା ବିଧାୟକ ଅତନୁ ସବ୍ୟସାଚି ନାୟକ, ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁ, ପାଟକୁରା ବିଧାୟିକାଙ୍କ ପ୍ରତିନିଧି ସଞ୍ଜୟ କୁମାର ଅଗ୍ରୱାଲ, ଜିଲ୍ଲାପାଳ ଅମ୍ରିତ ଋତୁରାଜ, ରାଜନଗର ବନଖଣ୍ଡ ଅଧିକାରୀ ଯଜ୍ଞଦତ୍ତ ପତି, ଜିଲ୍ଲା ଗ୍ରାମ୍ୟ ଉନ୍ନଉନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ରାଜେନ୍ଦ୍ର ପଣ୍ଡା, ଜିଲ୍ଲା ପରିଷଦ ଉପସଭାପତି ଅଶୋକ ପ୍ରତିହାରୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ପଞ୍ଚମ ଜିଲ୍ଲା ପରିଷଦର ନବମ ସାଧାରଣ ବୈଠକରେ ନିଆଯାଇଥିବା ନିଷ୍ପତ୍ତି ଗୁଡିକର ଅନୁପାଳନ ବିବରଣୀ ଦୃଢିକରଣ ପରେ ଆଲୋଚନା ଆରମ୍ଭ ହୋଇଥିଲା। ଜିଲ୍ଲା ପରିଷଦ ସଭାପତି ଶ୍ରୀମତୀ ସେଠୀ ଉପସ୍ଥିତ ନବ ନିର୍ବାଚିତ ଜିଲ୍ଲା ପରିଷଦ ସଭ୍ୟ,ସଭ୍ୟା, ବିଭିନ୍ନ ପଞ୍ଚାୟତ ସମିତିର ଅଧ୍ୟକ୍ଷ,ଅଧ୍ୟକ୍ଷା ଓ ସରକାରୀ ଅଧିକାରୀମାନଙ୍କୁ ସ୍ୱାଗତ ଜଣାଇଥିଲେ। ଏହି ବୈଠକରେ ମୁଖ୍ୟତଃ ଜଳକ୍ଲିଷ୍ଟ ଅଞ୍ଚଳରେ ପାନୀୟ ଜଳର ସୁବିଧା ଓ ଯୋଗାଣ, ସ୍ୱାସ୍ଥ୍ୟ ଓ ବିଭିନ୍ନ ଉନ୍ନୟନମୂଳକ ଯୋଜନାର କାର୍ଯ୍ୟକାରିତା ବିଷୟରେ ବିଶଦ ଆଲୋଚନା ହୋଇଥିଲା। ଜିଲ୍ଲାରେ ମୋଟ ୨୪୯ଟି ଗ୍ରାମପଞ୍ଚାୟତର ୧୪୧୪ଟି ଗ୍ରାମରେ କାର୍ଯ୍ୟକ୍ଷମ ଥିବା ୧୭ ହଜାର ୨୩୮ଟି ନଳକୂପ ମଧ୍ୟରୁ ଅଚଳ ଥିବା ନଳକୂପକୁ ତ୍ୱରିତ ଢଙ୍ଗରେ କାର୍ଯ୍ୟକାରୀ କରିବା ପାଇଁ ପ୍ରସ୍ତାବ ଦିଆଯାଇଥିଲା। କେନ୍ଦ୍ରାପଡା ଜିଲ୍ଲାରେ କାର୍ଯ୍ୟକାରୀ ହେବାକୁ ଥିବା ମେଗା ଜଳ ପ୍ରକଳ୍ପଗୁଡିକରେ ଥିବା ଅସୁବିଧାଗୁଡ଼ିକୁ ପ୍ରଶାସନିକ ସ୍ତରରେ ଆଶୁ ସମାଧାନ କରି ଆବଶ୍ୟକ ଅଧିକ ଅର୍ଥରାଶି ମଞ୍ଜୁର ପାଇଁ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ ପାଇଁ ବିଧାୟକମାନେ ଦାବି ଉପସ୍ଥାପନ କରିଥିଲେ। ଏହି ଅବସରରେ ରାଜନଗର ବିଧାୟକ ଶ୍ରୀ ସାହୁ କେନ୍ଦ୍ରାପଡାରେ ଏକ ମେଡିକାଲ କଲେଜ ଓ ହସପିଟାଲ ପ୍ରତିଷ୍ଠା କରାଯିବା ପାଇଁ ପ୍ରସ୍ତାବ ଆଗତ କରିଥିଲେ ଏବଂ ଏହି ପ୍ରସ୍ତାବକୁ ସମସ୍ତ ବିଧାୟକ, ଜିଲ୍ଲା ପରିଷଦ ସଭ୍ୟ, ସଭ୍ୟାମାନେ ସର୍ବସମ୍ମତି କ୍ରମେ ଗୃହିତ କରାଇଥିଲେ। ଆଳି, ପଟ୍ଟାମୁଣ୍ଡାଇ, ରାଜନଗର ଓ ରାଜକନିକା ବ୍ଲକରେ କାର୍ଯ୍ୟକାରୀ ହେବାକୁ ଥିବା ମେଗା ପାଇପ ଜଳ ଯୋଗାଣ ପ୍ରକଳ୍ପରେ ମୋଟ ୨ଲକ୍ଷ ୨୭ହଜାର ୯୧କୋଟି ଟଙ୍କା ଖର୍ଚ୍ଚ ହୋଇ ୨୭୧ଟି ଗ୍ରାମକୁ ପାନୀୟ ଜଳ ଯୋଗାଣ ପାଇଁ ଲକ୍ଷ୍ୟ ରଖାଯାଇଛି। ୧୫ତମ ସିଏଫସି ପ୍ରକଳ୍ପରେ ୯୪୭ଲକ୍ଷ ଅର୍ଥରାଶିରୁ ପାନୀୟ ଜଳ ଯୋଗାଣରେ ଏପର୍ଯ୍ୟନ୍ତ ୭,୯୫,୮୦ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ବୈଠକରେ ଅଚଳ ନଳକୂପ କାର୍ଯ୍ୟକ୍ଷମ କରିବା, ଅଚଳ ଓଭର ହେଡ ଟାଙ୍କିକୁ ସଚଳ କରିବା ପାଇଁ ଟି.ଆଇ. ଇ.ଡି. ପାଣିକୁ ଡାଇଭର୍ଟ କରିବା ନିମନ୍ତେ ଜିଲ୍ଲାପାଳଙ୍କ ନିକଟରେ ଦାବି ଉପସ୍ଥାପନ କରାଯାଇଥିଲା। ଭୂତଳ ନଳକୂପ ଖନନ କରିବାକୁ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଓ ପରିମଳ ଡିଭିଜନର ନିର୍ବାହୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ବଙ୍ଗାଳପୁର ଠାରୁ ଚଅଁପୁର ପର୍ଯ୍ୟନ୍ତ ଗ୍ରାମ୍ୟ ସଡକ ନିର୍ମାଣ ଓ ମରାମତି ପାଇଁ ଗ୍ରାମ୍ୟ ଉନ୍ନୟନ ଡିଭିଜନର ନିର୍ବାହୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଜିଲ୍ଲାରେ ଖାଲି ଥିବା ଡାକ୍ତର ପଦବୀ ପୁରଣ, ସ୍ୱାସ୍ଥ୍ୟ କେନ୍ଦ୍ରର ପାଚେରୀ ନିର୍ମାଣ ଓ ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ସୁଦୃଢ଼ କରିବାକୁ ପ୍ରସ୍ତାବ ରଖାଯାଇଥିଲା। କଷଣଅଷ୍ଟାରେ ଏକଶହ ଏକର ଜମି ପରିମିତ ସ୍ଥାନରେ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତିଷ୍ଠା ହେଲେ ଜନସାଧାରଣ ଅଧିକ ଭାବରେ ଉପକୃତ ହୋଇପାରିବେ ବୋଲି ରାଜ୍ୟ ସରକାରଙ୍କୁ ଅବଗତ କରାଇବା ପାଇଁ ରାଜନଗର ବିଧାୟକ ଶ୍ରୀ ସାହୁ ଜିଲ୍ଲାପାଳଙ୍କ ନିକଟରେ ଦାବି ରଖିଥିଲେ। ଏହା ବ୍ୟତିତ କୃଷି ପାଇଁ ପାଟନାଳୀ ଖନନ, ସ୍ଲୁଇସ ଗେଟ ମରାମତି, କରି ଉଦବୃତ୍ତ ଜଳ ନିଷ୍କାସନ, ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା, ପରବର୍ତ୍ତି ଭିତ୍ତିଭୂମି ସୁଦୃଢୀକରଣ , ମା’ ଛୁଆଳିଆ ଶକ୍ତିପୀଠକୁ ପର୍ଯ୍ୟଟନ ମାନ୍ୟତା ପ୍ରଦାନ ଓ ତାର ଉନ୍ନତିକରଣ, ଶିକ୍ଷକ ନିଯୁକ୍ତି ଆଦି ଉନ୍ନୟନ ମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ହୋଇଥିଲା। ଶେଷରେ ଜିଲ୍ଲା ପରିଷଦ ଉପସଭାପତି ଅଶୋକ ପ୍ରତିହାରୀ ଧନ୍ୟବାଦ ଅର୍ପଣ କରିଥିଲେ।

# ମଧୁବାବୁଙ୍କ ଫଟୋଚିତ୍ର ସମସ୍ତ ସରକାରୀ କାର୍ଯ୍ୟାଳୟରେ ରଖାଯାଉ !



ଭୁବନେଶ୍ୱର (ପିଏନ୍): ଓଡିଶା ପ୍ରଦେଶ ଗଠନର ମୁଖ୍ୟ କର୍ଣ୍ଣଧାର, ଉତ୍କଳ ସମ୍ମିଳନୀର ପ୍ରାଣ ପ୍ରତିଷ୍ଠାତା ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଅବସରରେ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଛି । ଉତ୍କଳ ଗୌରବ ମଧୁସୂଦନ ଦାସଙ୍କର ଫଟୋଚିତ୍ର ସମସ୍ତ ସରକାରୀ କାର୍ଯ୍ୟାଳୟରେ ସ୍ଥାନିତ କରିବା ପାଇଁ ରାଜ୍ୟ ସରକାର ନିର୍ଦ୍ଦେଶ ଦିଅନ୍ତୁ ବୋଲି ମଧୁବାବୁଙ୍କ ଜୟନ୍ତୀ ଅବସରରେ ସମ୍ମିଳନୀ ପକ୍ଷରୁ ଦାବି କରାଯାଇଥିଲା । ଏହି ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ସଭାପତିତ୍ୱ କରିଥିବା ବେଳେ ସମ୍ମିଳନୀର ଉପ-ସଭାପତି ଡ. ସୁରେନ୍ଦ୍ର ମିଶ୍ର, ମଞ୍ଚେଶ୍ୱର ଶାଖା ଉପ-ସଭାପତି ଶିତଳ ଚନ୍ଦ୍ର ମହାନ୍ତି, ବରିଷ୍ଠ ସଦସ୍ୟ ଭୃଗୁ ବକ୍ସିପାତ୍ର ଓ ପ୍ରସନ୍ନ ରଥ ବରପୁତ୍ରଙ୍କର ଗୁଣଗାନ କରିଥିଲେ । ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ସମ୍ପାଦିକା ବାସନ୍ତୀ ତ୍ରିପାଠୀ, ଭୁବନେଶ୍ୱର ଶାଖା ଉପ-ସଭାପତି ସୁବ୍ରତ ମହାପାତ୍ର, ମଞ୍ଚେଶ୍ୱର ଶାଖା ସମ୍ପାଦକ ଗୋବିନ୍ଦ ସୁବୁଦ୍ଧି, ଯୁଗ୍ମ-ସଂପାଦକ ସିଧାର୍ଥ ଶଙ୍କର ଗଡନାୟକ, ଗୋପୀମୋହନ ପଟ୍ଟନାୟକ, ଅକ୍ଷୟ କୁମାର ଜେଠୀ, ସମରଂଜନ ମହାନ୍ତି, ଦିପ୍ତିମୟୀ ନାୟକ, ଶରତ ଚନ୍ଦ୍ର ସାହୁ ଓ ରାମଚନ୍ଦ୍ର ସାମଲ ପ୍ରମୁଖ ଉପସ୍ଥିତ ରହି ବରପୁତ୍ରଙ୍କୁ ଶ୍ରଦ୍ଧାଂଜଳି ଜ୍ଞାପନ କରିଥିଲେ ।

# ଧଳା ଜହର ବିକ୍ରୀ କରୁଥିବା ଅଭିଯୋଗରେ ୫ ଗିରଫ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଟାଉନ ଥାନା ଅନ୍ତର୍ଗତ ଗୋପ ଟିଭି ସେଣ୍ଟର ପାଖରେ ଥିବା ଏକ ଘରେ ବେଆଇନ ଭାବେ ଧଳା ଜହର ବିକ୍ରୀ କରୁଥିବା ଅଭିଯୋଗରେ ଟାଉନ ଥାନା ପୋଲିସ ୫ଜଣଙ୍କୁ ଗିରଫ କରିଥିବା ସୂଚନା ମିଳିଛି। ଏ ସମ୍ପର୍କରେ ବୁଧବାର ସନ୍ଧ୍ୟାରେ ଟାଉନ ଥାନା ପରିସରରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଯୋଗଦେଇ ଟାଉନ ଥାନା ଭାରପ୍ରାପ୍ତ ଇନିସପେକ୍ଟର ଗୌରାଙ୍ଗ ଚରଣ ପୃଷ୍ଟି କହିଥିଲେ ଯେ ମଙ୍ଗଳବାର ଅପରାହ୍ଣ ପ୍ରାୟ ୪ଟା ୧୦ ମିନିଟ ସମୟରେ ଏକ ବିଶେଷ ସୁତ୍ରରୁ ଖବର ପାଇ ସବଇନିସପେକ୍ଟର ରତିରଞ୍ଜନ ନାୟକଙ୍କ ନେତୃତ୍ୱରେ ଏଏସଆଇ ଶରତ ବାରିକ ଓ ଏଏସଆଇ ଆର. ପାଣିଙ୍କୁ ନେଇ ଗଠିତ ଏକ ଟିମକୁ ଗୋପସ୍ଥିତ ଟିଭି ସେଣ୍ଟର ନିକଟକୁ ପଠାଯାଇଥିଲା। ସେମାନେ ସେଠାରେ ଥିବା ଏକ ପରିତ୍ୟକ୍ତ ଘର ଉପରେ ଚଢାଉ କରିବାରେ ସେହି ଘର ଭିତରେ ଟାଉନ ଥାନା ଅନ୍ତର୍ଗତ ଫକିରାବାଦ ଗ୍ରାମର ସେକ ଓକିଲଙ୍କ ପୁଅ ସେକ ରାହିଲ(୨୪), ମହିପାଳ ଗ୍ରାମର ମୀର ସାମସୁଦ୍ଦିନଙ୍କ ପୁଅ ମୀର ନିଜାମୁଦ୍ଦିନ ଓରଫ ରାହୁଲ(୨୦), ସଦର ଥାନା ଅନ୍ତର୍ଗତ କପାଳେଶ୍ୱର ଗ୍ରାମର କାଳନ୍ଦି ନାୟକଙ୍କ ପୁଅ ଲକ୍ଷ୍ମୀଧର ନାୟକ ଓରଫ ନାଣ୍ଟୁ(୩୩), ମାର୍ଶାଘାଇ ଥାନା ଅନ୍ତର୍ଗତ ଅଙ୍ଗୁଳେଇ ଗ୍ରାମର ମଧୁସୁଦନ ପାତ୍ରଙ୍କ ପୁଅ ନାରାୟଣ ପାତ୍ର ଓରଫ ମଣ୍ଟୁ (୨୮)ଏବଂ କଟକ ଜିଲ୍ଲାର ମାହାଙ୍ଗା ଥାନା ଅନ୍ତର୍ଗତ ରଘୁନାଥ ନଗର ଗ୍ରାମର ଅଜିତ କୁମାର ସିହ୍ନାଙ୍କ ପୁଅ ସୁମିତ କୁମାର ସିହ୍ନା(୨୫) ବସି ବେଆଇନ ଭାବରେ ଧଳା ଜହର(ବ୍ରାଉନ ସୁଗାର) ବିକ୍ରୀ କରୁଥିବା ଦେଖିବାକୁ ପାଇଥିଲେ। ଏହି ଚଢାଉ



ବେଳେ ପୋଲିସ ଏକଜିକ୍ୟୁଟିଭ ମ୍ୟାଜିଷ୍ଟ୍ରେଟ ତଥା କେନ୍ଦ୍ରାପଡା ଅତିରିକ୍ତ ତହସିଲଦାରଙ୍କ ଉପସ୍ଥିତିରେ ଅଭିଯୁକ୍ତ ସେକ ରାହିଲଙ୍କ ଠାରୁ ୫.୩୪ଗ୍ରାମର ଧଳା ଜହର(ବ୍ରାଉନ ସୁଗାର) ଜବତ କରିଥିଲା। ଏଥିସହିତ ତାଙ୍କ ଠାରୁ ନଗଦ ୭ହଜାର ୭ଶହ ଟଙ୍କା, ଏକ ଟିଭିଏସ ଆପଚେ ବାଇକ ନଂ- ଓଡି- ୨୯ଜେ- ୨୮୬୩, ଏକ ହିରୋ ଏକ୍ସଟ୍ରିମ ବାଇକ ନଂ- ଓଡି୨୧ଏମ - ୯୮୩୩ ଏବଂ ୪ଟି ମୋବାଇଲ ଫୋନ ଅଭିଯୁକ୍ତମାନଙ୍କ ଠାରୁ ଜବତ କରାଯାଇଥିବା ପୋଲିସ କହିଛି। ଏହି ୫ଜଣ ଅଭିଯୁକ୍ତଙ୍କୁ ଗୁରୁବାର ଜିଲ୍ଲା ଦୌରାଜଜଙ୍କ କୋର୍ଟକୁ ଚାଲାଣ କରାଯିବ ବୋଲି ଟାଉନ ଥାନା ଅଧିକାରୀ ଶ୍ରୀ ପୃଷ୍ଟି ସୂଚନା ଦେଇଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଆଇ.ଆଇ. ସି. ସୁମନ୍ତ କିଷାନ, ଏସ.ଆଇ. ରତିରଞ୍ଜନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।




# ଦେଶରେ ମହିଳା ସଶକ୍ତିକରଣ ପାଇଁ ପ୍ରଧାନମନ୍ତ୍ରୀ ଯୁଗାନ୍ତକାରୀ ପଦକ୍ଷେପ ନେଇଛନ୍ତି: ସମୀର ମହାନ୍ତି

ଭୁବନେଶ୍ୱର,(ପି.ଏନ): ମହାନ କ୍ରାନ୍ତିକାରୀ, ସମାଜ ସୁଧାରକ ଜ୍ୟୋତିବା ଫୁଲେଙ୍କ ଜନ୍ମଜୟନ୍ତୀ ଅବସରରେ ସିନର୍ଜି ଇଷ୍ଟିଚ୍ୟୁଟ ଅଫ ଟେକନୋଲୋଜିଠାରେ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଛାତ୍ରଛାତ୍ରୀଙ୍କୁ ରାଜ୍ୟ ବିଜେପି ସଭାପତି ସମୀର ମହାନ୍ତି ଭେଟି ଜ୍ୟୋତିବା ଫୁଲେଙ୍କ ଦେଶପ୍ରତି ଅବଦାନ ବିଷୟରେ ଅବଗତ କରାଇଥିଲେ। ଯେତେବେଳେ ଦେଶରେ ନାରୀ ଶିକ୍ଷା ପ୍ରତି ଆଦୌ ଧ୍ୟାନ ଦିଆଯାଉନଥିଲା ସେତେବେଳେ ଜ୍ୟୋତିବା ଫୁଲେ ମହିଳାମାନଙ୍କ ଶିକ୍ଷାକୁ ପ୍ରାଧାନ୍ୟ ଦେଇ ପ୍ରତିକୂଳ ପରିସ୍ଥିତିରେ କାର୍ଯ୍ୟ କରୁଥିଲେ। ଜ୍ୟୋତିବା ଫୁଲେ ତାଙ୍କ ପତ୍ନୀ ସାବିତ୍ରୀବାଇ ଫୁଲେଙ୍କ ସହିତ ମିଶି ପୁନେଠାରେ ମହିଳାମାନଙ୍କ ଶିକ୍ଷା କ୍ଷେତ୍ରରେ ଅଗ୍ରଗତି ନିମନ୍ତେ ବାଳିକା ବିଦ୍ୟାଳୟ ସ୍ଥାପନ କରି ନାରୀ ଶିକ୍ଷା ଶିକ୍ଷାଦ୍ୱାରା ସମାଜର ଅଗ୍ରଗତି ସମ୍ଭବ ବୋଲି ବାର୍ତ୍ତା ଦେଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜ୍ୟୋତିବା ଫୁଲେଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ମହିଳାଙ୍କ ପ୍ରତି ବିଭିନ୍ନ ଯୋଜନା ମଧ୍ୟ କରିଛନ୍ତି। ମହିଳାମାନଙ୍କ ପାଇଁ ଶୌଚାଳୟ, ଉଜ୍ଜ୍ୱଳା, ବେଟି ବଚାଓ ବେଟି ପଢ଼ାଓ, ସୁକନ୍ୟା ସମୃଦ୍ଧି ଯୋଜନା, ପୋଷଣ ଅଭିଯାନ ଭଳି ଯୁଗାନ୍ତକାରୀ ପଦକ୍ଷେପମାନ ନେଇ ମହିଳାଙ୍କୁ ସମ୍ମାନ, ସ୍ୱାଭିମାନ ଓ ସଶକ୍ତ କରିବାକୁ ତାଙ୍କ ସରକାରରେ ଅନେକ ଯୋଜନା କରିଥିବାରୁ ରାଜ୍ୟ ସଭାପତି ଶ୍ରୀ ମହାନ୍ତି ଧନ୍ୟବାଦ ଜ୍ଞାପନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ପ୍ରତିଷ୍ଠାତା ବିନୋଦ ଦାଶ, ଇଷ୍ଟିଚ୍ୟୁ ନିର୍ଦ୍ଦେଶକ ଚନ୍ଦ୍ରସେନ ଜଗତଦେଓ, ରାଜ୍ୟ ପ୍ରବକ୍ତା ଠାକୁର ରଞ୍ଜିତ ଦାସ, ଯୁବମୋର୍ଚ୍ଚା ରାଷ୍ଟ୍ରୀୟ ଉପାଧ୍ୟକ୍ଷ ଅର୍ପିତା ବଡ଼ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ଲିଜଧାରୀ ନିୟମ ବୈହିର୍ଭୁତ ଭାବେ ବାଲି ଖଦାନ ଚଳାଉଥିବା

ବାଲେଶ୍ୱର,(ପି.ଏନ): ସଦର ବ୍ଲକ ଅନ୍ତର୍ଗତ ନଗ୍ରମ ଗ୍ରାମ ପଞ୍ଚାୟତ ଓ ରେମୁଣା ବ୍ଲକ ଦହପଡ଼ା ଗ୍ରାମ ପଞ୍ଚାୟତର ଫୁଲଓ୍ୱାର କଷବା, କାଳିପୁର, ଖେଜୁରପୁର, ଦହପଡ଼ା, କଣ୍ଟାବଣିଆ, ଗମ୍ଭାରିଆ ଓ ଧରମପୁର ଗ୍ରାମର ଗ୍ରାମବାସୀ ମାନେ ଲିଜ ନେଇଥିବା ଅରୁଣାକର ଦାସଙ୍କ ବିରୁଧରେ ଜିଲ୍ଲାପାଳଙ୍କୁ ଏକ ଦାବି ପ୍ରଦାନ କରିଛନ୍ତି। ବାଲି ଉଠାଇବା ନିମନ୍ତେ କୌଣସି ଯାନ୍ତ୍ରିକ ବ୍ୟବସ୍ଥା ନିୟମ ନ ଥିବା ବେଳେ ପ୍ରତିଦିନ ପୋକ୍ରେନ ମେସିନ ମାଧ୍ୟମରେ ନଦୀ ଗର୍ଭରୁ ବେଆଇନ ଭାବରେ ସହ ସହ ସିୟୁଏମ ବାଲି ଉତ୍ତୋଳନ କରୁଛନ୍ତି। ଏହି ବାଲି ସୌରାତ୍ ଚଳାଇବା ପାଇଁ ସମୁଦାୟ ୩୭ ହଜାର ୪୦୦ ସିୟୁଏମ ବାଲି ଉତ୍ତୋଳନ ପାଇଁ ଅନୁମତି ଅଛି। ୦.୩ ମିଟର ହିସାବରେ ବର୍ଷକୁ ଯେତିକି ବାଲି ଉତ୍ତୋଳନ କରିବା କଥା ପ୍ରତିଦିନ ଏହି ମେସିନ ସାହାଯ୍ୟରେ ବେଆଇନ ଭାବେ ବହୁତ ଅଧିକ ବାଲି ଉତ୍ତୋଳନ କରାଯାଉଛି। ଏହା ଦ୍ୱାରା ସରକାର ଉକ୍ତ ସୈରାତ୍‌କୁ ବାର୍ଷିକ ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ହରାଉଥିବାର ଜଣାପଡୁଛି। ଅଧିକ ବାଲି ଉତ୍ତୋଳନ ଓ ପରିବହନ ଜଣା ପଡିଯିବା ଭୟରେ ତହସିଲ କାର୍ଯ୍ୟାଳୟରୁ ମିଳିଥିବା କେଫର୍ମ ଜାଣିଶୁଣି ଗାଡ଼ିକୁ ଦିଆଯାଉ ନାହିଁ। ଉକ୍ତ ବାଲି ସୈରାତ କୌଣସି ଗୋଟିଏ ମଧ୍ୟ ନିୟମର ସର୍ତ୍ତ ଅନୁସରଣ କରୁ ନାହିଁ ଏବଂ ଏହା ଜାତୀୟ ସବୁଜ ପ୍ରାଧିକରଣ (ଏନଜିଟି) ପାସ ହୋଇଛି କି ନାହିଁ ତାହା ମଧ୍ୟ ସନ୍ଦେହ ସୃଷ୍ଟି ହେଉଛି। ନଦୀ ପଠାରୁ ୪୦ ମିଟର ଛାଡ଼ି ଓ ମାତ୍ର ୦.୩ ମିଟର ଗଭୀର ପର୍ଯ୍ୟନ୍ତ ବାଲି ଉଠାଇବାର ନିୟମ ଥିବା ବେଳେ ଉକ୍ତ ଲିଜ୍‌ଧାରୀ ଏହାର ସମ୍ପୂର୍ଣ୍ଣ ଓଲଟା ଅର୍ଥାତ ନଦୀ ପଠାକୁ ଖୋଳି ଡମ୍ଫର ସାହାଯ୍ୟର ସହ ସହ ଟ୍ରିପ ମାଟି ବିକ୍ରି କରୁଛନ୍ତି। ଫଳରେ ନଦୀ ଗର୍ଭରେ ୫୦ ରୁ ୬୦ ଫୁଟ ପର୍ଯ୍ୟନ୍ତ ଗଣ୍ଡ ସୃଷ୍ଟି ହୋଇ କିଛି ଲୋକ ନଦୀରେ ଗାଧେଇବା ସମୟରେ ପାଣିରେ ବୁଡ଼ିଯାଇ ମୃତ୍ୟୁ ବରଣ କରୁଥିବା ଉଦାହରଣ ମଧ୍ୟ ରହିଛି। ନଦୀ ଜଳଠାରୁ ମାଟି ଖୋଳି ବିକ୍ରି କରିବା ଫଳରେ ବୁଢ଼ାବଳଙ୍ଗ ନଦୀରେ ବନ୍ୟା ଆସିଲେ ନଦୀର ଗତିପଥ ପରିବର୍ତ୍ତନ ହୋଇ ଗ୍ରାମ ଗୁଡ଼ିକ ନଦୀ ଗର୍ଭରେ ଲୀନ ହେବାର ଆଶଙ୍କା ମଧ୍ୟ ସୃଷ୍ଟି ହୋଇଛି। ବର୍ତ୍ତମାନ ଗ୍ରୀଷ୍ମ ସମୟରେ ଗୋରୁ ଗାଇ, ଛେଳି ଇତ୍ୟାଦି ପ୍ରାଣି ମାନେ ପାଣି ପିଇବା ପାଇଁ ନଦୀକୁ ଯିବା ବେଳେ ନଦୀ ପାଣି ଗୋଳିଆ ହୋଇଯାଇଥିବାରୁ ପାଣି ମଧ୍ୟ ପିଇ ପାରୁ ନାହାନ୍ତି। ରାଜ୍ୟ ପରିବେଶ ଓ ପ୍ରଭାବ ମୁଲ୍ୟାୟନ କର୍ତ୍ତୃପକ୍ଷଙ୍କ ଜଣେ ବରିଷ୍ଠ ବୈଜ୍ଞାନିକ, ରାଜ୍ୟ ପ୍ରଦୂଷଣ ବୋର୍ଡ଼ର ବରିଷ୍ଠ ବୈଜ୍ଞାନିକ, ଜିଲ୍ଲାପାଳ କିମ୍ବା ତାଙ୍କ କେହି ପ୍ରତିନିଧି ଓ ଜିଲ୍ଲା ଖଣି ଅଧିକାରୀଙ୍କୁ ନେଇ ଏକ କମିଟି ଗଠନ କରାଯାଇ ସସବା ଦହପଡ଼ା ବାଲି ସୈରାତକୁ ନିରପେକ୍ଷ ତଦନ୍ତ କରି ଯଦି ଆଇନ ବୈହିର୍ଭୁତ କାର୍ଯ୍ୟ କରାଯାଇ ଥାଏ ତାହାହେଲେ ଲିଜ୍‌ଧାରୀ କରୁଣାକର ଦାସଙ୍କ ଉପରେ ଦିତ କାର୍ଯ୍ୟାନୁଷ୍ଠାନ ନେବାକୁ ଏହି ୨ ଟି ଗ୍ରାମ ପଞ୍ଚାୟତର ଅଧିବାସୀ ମାନେ ଦାବି କରିଛନ୍ତି।

# ଓଡ଼ିଶା ପଥବିକ୍ରେତା ସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

ବାଲେଶ୍ୱର: ଆଜି ପୂର୍ବାହ୍ନରେ ଓଡ଼ିଶା ପଥବିକ୍ରେତା ସଂଘ ପକ୍ଷରୁ ଏକ ସୋଭାଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ପଥବିକ୍ରେତା ଜୀବିକା ସୁରକ୍ଷା ଓ ପଥ ବିକ୍ରେତା ବିନିମୟ ଆଇନ ଉଲଘଂନ ଏବଂ ପଥବିକ୍ରେତାଙ୍କ ଜୀବିକା ଓ ଜୀବନ ଉଚ୍ଛେଦ ଅଭିଯୋଗ ବନ୍ଦ କରିବାକୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପଥବିକ୍ରେତା ଙ୍କ ଜୀବିକା ସୁରକ୍ଷା ପାଇଁ ୨୦୧୪ କେନ୍ଦ୍ରୀୟ ଆଇନକୁ ବାଲେଶ୍ୱର ପୌର ଓ ଜିଲ୍ଲା ପ୍ରଶାସନ ବାରମ୍ବାର ଉଲଘଂନ କରି ଏହି ବର୍ଗର ମଣିଷଙ୍କ ଜୀବନ ଧାରଣ ଦୁର୍ବିସ କରାଇଲେଣି। ପୌର ଓ ଜିଲ୍ଲା ପ୍ରଶାସନ ବାରମ୍ବାର ଉଚ୍ଛେଦ କରି ପଥ ବିକ୍ରେତା ବୃଦ୍ଧି ଥିବା ସହ ସହ ପଥ ବିକ୍ରେତାଙ୍କ ଆଇନ ଗତ ସାମ୍ବିଧାନିକ ଅଧିକାରକୁ ଛଡ଼ାଇ ନେଇ ବାରମ୍ବାର ଅନ୍ୟାୟ କରିଚାଲିଛନ୍ତି। ଏହି ପରି ରାୟ ଶାସନ ବନ୍ଦ କରି ଉଠା ଦାକାନିଙ୍କୁ ସାମ୍ବିଧାନିକ ସାମାଜିକ ନ୍ୟାୟ ପ୍ରଦାନ କରିବା ନିମନ୍ତେ ଦାବି କରିଛନ୍ତି। ଓଟି ରୋଡ଼ରେ ୨ ଟିକିଆ ରାସ୍ତାର ପିଚୁ ରାସ୍ତା ଶେଷ ଠାରୁ ସାଢ଼େ ୪ ମିଟର ଭିତରେ କୌଣସି ଦୋକାନି ରହି ପାରିବେ ନାହିଁ ବୋଲି ପୌର କାର୍ଯ୍ୟ ନିର୍ବାହି ଅଧକାରୀ ପଥ ବିକ୍ରେତା ସଂଘ କର୍ମକର୍ତ୍ତା ମାନଙ୍କୁ କହିବା ପରେ ପଥ ବିକ୍ରେତା ମାନେ ସେହି ଦିନ ବାହାରକୁ ଉଠାଇ ନେଇଥିଲେ। ରାସ୍ତାର ୨ ପାଶ୍ୱରେ କୌଣସି ଦୋକାନି ରହି ପାରିବେ ନାହିଁ ବୋଲି ଆରଏନବି ସଂସ୍ଥା କର୍ମଚାରୀ ମାନେ ସେଠାରେ ପଥ ବିକ୍ରେତା ମାନଙ୍କୁ ଭୟବିତ କରାଉଛନ୍ତି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସପିଙ୍ଗ କମ୍ପଲେକ୍ସ ନିର୍ମାଣ ବନ୍ଦ କରି ସେହି ଅଟାଳିକା ଗୁଡ଼ିକରେ ଇଂଚୁଡ଼ି ଲବଣ ସତ୍ୟା ଗ୍ରହ ଏବଂ ସ୍ୱାଧିନତା ଆନ୍ଦୋଳର ସଂଗ୍ରହାଳୟ ପ୍ରତିଷ୍ଠା କରାଯାଉଛି। ଓଟି ରୋଡର ସାଢ଼େ ୪ ମିଟର ପର୍ଯ୍ୟନ୍ତ ପ୍ରଶସ୍ତିକରଣ କରାଇବା ପରେ ବାକି ସ୍ଥାନ ଗୁଡ଼ିକ ପଥ ବିକ୍ରେତା କେନ୍ଦ୍ର ଓ ରାଜ୍ୟ କୁଟିରଶିଳ୍ପ, ହସ୍ତଶିଳ୍ପ ସମେତ ଆଞ୍ଚଳିକ ସାମଗ୍ରି ର ପଥବିକ୍ରେତା କେନ୍ଦ୍ର ପ୍ରତିଷ୍ଠା କରି ଏହା କୁ ଜାତୀୟ ସ୍ତରରେ ଆକର୍ଷଣୀୟ ପଥ ବିକ୍ରେତା କେନ୍ଦ୍ର କରାଯାଇ ପର୍ଯ୍ୟଟକ ଗ୍ରାହକ ମାନଙ୍କୁ ଆକୃଷ୍ଟ କରାଯାଉ। ବ୍ରିଜ ଅଞ୍ଚଳର କରୋନା ମହାମରୀ ସମୟର ସରକାରୀ ଘୋଷିତ ରିଲିଫ୍ ସମସ୍ତଙ୍କୁ ପ୍ରଦାନ କରାଯାଉ। ଜୟନ୍ତ ଦାସ ଙ୍କ ନେତୃତ୍ୱରେ ଅବିଦ ଖାନ, ମୋହିନି ମୋହନ ପରିଡ଼ା, ଅଭିରାମ ବାରିକ, ପ୍ରଶାନ୍ତ ସେଠୀ, ରତନ ଗିରି, ବିଜୟ ସାହ. ରାଧା ବାରିକ, ସୁମନ ସିଂହ, ନୟନ ମାଲୋହତ୍ରା ପ୍ରମୁଖ ଏହି ଶୋଭା ଯାତ୍ରାରେ ସାମିଲ ହୋଇଥିଲେ।

# ଡିଏସ୍‌ପି ଏମଏଫ ଉନ୍ମୋଚନ କଲା 'ଭିଜନ'

ଭୁବନେଶ୍ୱର (ପିଏନ): ବ୍ୟବସାୟର ଭବିଷ୍ୟତ ସମ୍ପର୍କରେ ଦୂରଦୃଷ୍ଟି ପୋଷଣ କରିବାକୁ ଡିଏସ୍‌ପି ମ୍ୟୁଚୁଆଲ ଫଣ୍ଡ 'ଭିଜନ ୨୦/୨୦' ଶୀର୍ଷକରେ ଏକ ଆକଳନ ବିଚାରାଧାରାକୁ ଉପସ୍ଥାପନ କରୁଛି। ଡାକ୍ତରୀ ଶାସ୍ତ୍ରରେ ୨୦/୨୦ ଦୃଷ୍ଟିଶକ୍ତିର ତୀକ୍ଷଣ ଅବସ୍ଥା ସମ୍ପର୍କରେ ସୂଚିତ କରୁଛି। ଡିଏସ୍‌ପି ଏମଏଫ ନିବେଶକ ଅଥବା ସମ୍ଭାବ୍ୟ ନିବେଶକ ବ୍ୟବସାୟ ସଂସ୍ଥାଗୁଡିକର ଭବିଷ୍ୟତ ସମ୍ପର୍କରେ ଆକଳନ କରିବା ସମୟରେ ତାହାକୁ ଉଚ୍ଚ ଦୃଶ୍ୟମାନ, ମଧ୍ୟମ ଦୃଶ୍ୟମାନ ଏବଂ ନିମ୍ନ ଦୃଶ୍ୟମାନ ବ୍ୟବସାୟ ସଂସ୍ଥା ଭାବରେ ପୃଥକ କରି ତିନିଟି ଲେନ୍ସର ଉପଯୋଗ କରିଛି। ଏହି ଆକଳନରେ କୁହାଯାଇଛି ଯେ ମଧ୍ୟମରୁ ଉଚ୍ଚ ଆୟକାରୀ ବର୍ଗ ଉବେର / ଓଲା ସେବା ବ୍ୟବହାର କରିବା ପରିବର୍ତ୍ତେ ବ୍ୟକ୍ତିଗତ କାର୍ ଅଥବା ଦୁଇଚକିଆ ଗାଡି ଖରିଦ କରିବାକୁ ପସନ୍ଦ କରିବେ। ସମ୍ପ୍ରତି କମ୍ ବ୍ୟୟସାପେକ୍ଷ ଏବଂ ବଜାରରେ ଚାହିଦା ଥିବା ବ୍ୟବହୃତ (ସେକେଣ୍ଡ ହ୍ୟାଣ୍ଡ) ଗାଡିଗୁଡିକର ଚାହିଦା ବୃଦ୍ଧିପାଇଛି। ଅନୁରୂପ ଭାବେ ଏକାଧିକ ସପିଂ ଆପ୍ଲିକେସନ ଜରିଆରେ ଜନସାଧାରଣ ଅନ୍‌ଲାଇନରେ କିଣାକିଣି କରୁଛନ୍ତି ଏବଂ ଅନ୍‌ଲାଇନ ସ୍ୱାସ୍ଥ୍ୟଯନ୍ ତଥା ଔଷଧ ଆଦିର ଚାହିଦା ବିପୁଳ ବୃଦ୍ଧି ଘଟିଛି। ଦରିଦ୍ର ଲୋକଙ୍କ ପାଇଁ ସରକାର ଉନ୍ନତ ଜୀବନ ନିର୍ବାହ ପରିବେଶ ଯୋଗାଇବା ଉପରେ ଗୁରୁତ୍ୱ ଦେବା ସମ୍ଭାବନା ଥିବାରୁ ସୁଲଭ ମୂଲ୍ୟ ବାସଗୃହ ନିର୍ମାଣ ମଧ୍ୟ ତ୍ୱରାନ୍ୱିତ ହୋଇପାରେ। ଅନ୍ୟପକ୍ଷରେ ଓ୍ୱାର୍କ ଫ୍ରମ ହୋମ୍ (ଘରେ ରହି ଅଫିସ କାମ କରିବା) ବ୍ୟବସ୍ଥା ଦ୍ୱାରା ଘରଭଡା ବ୍ୟବସାୟ ପ୍ରଭାବିତ ହୋଇପାରେ ଏବଂ ସେହି ସମୟରେ ଇଛକ୍ଷଷ୍ପ;ରନେଟ୍ କାରବାର ବ୍ୟାପକ ହେବ ଏବଂ ଏହାଦ୍ୱାରା ଦୂରସଂଚାର କମ୍ପାନୀଗୁଡିକ ଫାଇଦା ପାଇବେ। ଏଭଳି ପରିସ୍ଥିତିରେ ପ୍ୟାକେଟରେ ଆସୁଥିବା ପ୍ରସ୍ତୁତ ଖାଦ୍ୟର ଚାହିଦା ବୃଦ୍ଧିପାଇବ। ରପ୍ତାନିଭିତ୍ତିକ ଔଷଧୀୟ କମ୍ପାନୀଗୁଡିକ ମଧ୍ୟ 'ଆମ୍ନିର୍ଭର ଭାରତ' ବିଷୟରୁ ସୁଯୋଗ ନେବାକୁ ଉତ୍ତମ ସ୍ଥିତିରେ ଅଛନ୍ତି। ହ୍ୟାଣ୍ଡ ସାନିଟାଇଜର, ହ୍ୟାଣ୍ଡ ଓ୍ୱାଶ୍ ଭଳି ସାମଗ୍ରୀର କାରବାର ୧୦ହଜାର ଗୁଣ ବୃଦ୍ଧିପାଇଛି। ଅନ୍ୟପକ୍ଷରେ ସାମାଜିକ ନିରାପତ୍ତା ବ୍ୟବସ୍ଥାର ଅଭାବ ଏବଂ ବ୍ୟୟବହୁଳ ସ୍ୱାସ୍ଥ୍ୟଯନ୍ ସହିତ ଭାରତରେ ସୁରକ୍ଷା ପ୍ରଦାନକାରୀ ପଲିସୀର ଖୁବ କମ୍ କାରବାର ଯୋଗୁଁ ଉଭୟ ସ୍ୱାସ୍ଥ୍ୟ ଓ ଟର୍ମଲାଇଫ ଇନସ୍ୟୁରାନ୍ସ ଚାହିଦା ବୃଦ୍ଧି ପାଇପାରେ। ଏହାକୁ ଡିଏସ୍‌ପି ଏମଏଫ ଭିଜନ ୧୫/୨୦ ବର୍ଗରେ ସ୍ଥାନିତ କରିଛି। ବେତନ କାଟ ଏବଂ ଚାକିରୀ ଛଟେଇ ଭଳି ଜଟିଳ ସମୟରେ ସାଧାରଣ ଜନତାଙ୍କ ଦ୍ୱାରା ଆଦୃତ ହେଉଥିବା ବ୍ରାଣ୍ଡ୍‌ଗୁଡିକ ପ୍ରିମିୟମ ବ୍ରାଣ୍ଡ୍‌ଗୁଡିକୁ ପଛରେ ପକାଇଦେବା ଆଶା କରାଯାଉଛି, କାରଣ ଗ୍ରାହକମାନେ ମୂଲ୍ୟପ୍ରତି ସଚେତନ ହୋଇ କିଣାକିଣି କରିବା ଆରମ୍ଭ କରିଛନ୍ତି। ପ୍ରାଥମିକ ସମୟରେ ଅସାଧୁ ମହଜୁଦ କାରଣରୁ ଉପଭୋକ୍ତାଙ୍କ ଦ୍ୱାରା ମୁଖ୍ୟ ଖାଦ୍ୟସାମଗ୍ରୀ ବିପୁଳ ପରିମାଣରେ କିଣାକିଣି କରାଯିବା ପରିଲକ୍ଷିତ ହୋଇଛି ଏବଂ ଏ କ୍ଷେତ୍ରରେ ଦୀର୍ଘସୂତ୍ରୀ ଅଭିବୃଦ୍ଧି ଅପରିବର୍ତ୍ତିତ ରହିବା ମନେ କରାଯାଉଛି। ସ୍ୱାସ୍ଥ୍ୟରକ୍ଷା ଉତ୍ପାଦଗୁଡିକର ସୀମିତ ବ୍ୟବହାର ଏବଂ ଟୁଥପେଷ୍ଟ, ଫେସଓ୍ୱାଶ, ସାମ୍ପୁ ଭଳି ଅନ୍ୟ ସ୍ୱାସ୍ଥ୍ୟରକ୍ଷା ବର୍ଗର ଉତ୍ପାଦଗୁଡିକରେ ସେଭଳି ବୃଦ୍ଧି ଲକ୍ଷ୍ୟ କରାଯାଇନାହିଁ। ପ୍ୟାକେଟରେ ଆସୁଥିବା ଖାଦ୍ୟସାମଗ୍ରୀ ଚାହିଦା ଆଶାତୀତ ବୃଦ୍ଧିଘଟିଛି ଏବଂ ନିକଟରେ ଜଣେ ବିସ୍କୁଟ ଉତ୍ପାଦନକାରୀଙ୍କ କହିବା ଅନୁଯାୟୀ ସେମାନେ ଅଶୀବର୍ଷ ମଧ୍ୟରେ ଯେତିକି ବ୍ୟବସାୟ କରିନଥିଲେ ତାହା ଚଳିତ ମାସଗୁଡିକରେ କରିଛନ୍ତି। ତେବେ ଏହି ଧାରା ଜାରି ରହିବ ବୋଲି ଆମେ ମନେକରିପାରିବା ନାହିଁ। ଡିଏସ୍‌ପି ଏମଏଫର ଭିଜନ ୧୦/୨୦ ବର୍ଗରେ ଏହା ସ୍ଥାନ ପାଇଛି। ସାମ୍ପ୍ରତିକ ସ୍ଥିତିରେ ଲୋକେ ବାହାରେ ଖାଇବା ବନ୍ଦ କରିଦେଇଛନ୍ତି। ମହାମାରୀ ସମୟରେ ଅନ୍‌ଲାଇନ ସାମଗ୍ରୀ ଯୋଗାଣ ଗୁରୁତର ପ୍ରଭାବିତ ହୋଇଥିଲା ଏବଂ ଏହିସବୁ ରୋଷଶାଳା ବନ୍ଦ ହୋଇଯାଇଥିଲା। ଖୁଚୁରା ବ୍ୟବସାୟ ମଧ୍ୟ ପ୍ରଭାବିତ ହୋଇଥିଲା, ଯଦିଓ ସମ୍ପ୍ରତି ଏଥିରେ ପୁନରୁଦ୍ଧାର ଘଟିବାର କେତେକ ସୂଚନା ମିଳୁଛି। ତେଣୁ ଏହି ଶ୍ରେଣୀଗୁଡିକ ପୂର୍ବ ଅବସ୍ଥାକୁ ଫେରିବା ନିମନ୍ତେ କିଛି ସମୟ ଲାଗିବ ଏବଂ ଉପଭୋକ୍ତାଙ୍କର ବିଶ୍ୱାସ ଫେରାଇ ଆଣିବା ସହିତ ସେମାନଙ୍କ ଆସ୍ଥା ଜିତିବା ଏ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ହେବ। ତତ୍‌ସହିତ ସମ୍ପ୍ରତି ଚଳଚ୍ଚିତ୍ରଗୁଡିକ ଅନ୍‌ଲାଇନ ପ୍ଲାଟଫର୍ମରେ ମୁକ୍ତିଲାଭ କରୁଥିବାରୁ ମଲ୍‌ଟିପ୍ଲେକ୍ସଗୁଡିକ ପ୍ରଭାବିତ ହେବ। ବିମାନରେ ଆବଦ୍ଧ ପରିବେଶ ସହିତ ଯାତ୍ରୀମାନେ ପାଖାପାଖି ବସୁଥିବାରୁ ନିୟମିତ ଯାତ୍ରୀବାହୀ ବିମାନ ଚଳାଚଳ ସ୍ୱାଭାବିକ ହେବାକୁ ଆଉ କିଛିଦିନ ଲାଗିପାରେ। କୋଭିଡ ଓ ଅଣ କୋଭିଡ ଚିକିତ୍ସା ନିମନ୍ତେ ରାଜ୍ୟ ସରକାରମାନେ ମୂଲ୍ୟ ସ୍ଥିର କରୁଥିବାରୁ ହସପିଟାଲଗୁଡିକରେ ଘରୋଇ ନିବେଶ ପ୍ରଭାବିତ ହୋଇପାରେ ବୋଲି କୁହାଯାଇଛି। ବ୍ୟାଙ୍କଗୁଡିକ ମଧ୍ୟ ମୋରାଟୋରିୟମକୁ ନେଇ ଆଗକୁ ବଢ଼ିବା ସମ୍ପର୍କରେ ଶିକ୍ଷାଲାଭ କରୁଛନ୍ତି ଏବଂ ଏହାଦ୍ୱାରା କେତେ ପ୍ରତିଶତ ଅର୍ଥ ପୁନର୍ଗଠନ କରାଯିବ, ତାହା ଦେଖିବାକୁ ବାକି ରହିଛି। ଏହା ଭିଜନ ୫/୨୦ରେ ସ୍ଥାନିତ ହୋଇଛି। ଡିଏସ୍‌ପିର ପୋର୍ଟଫୋଲିଓର ମୁଖ୍ୟଭାଗ ଉଚ୍ଚ ଏବଂ ନିମ୍ନ ଦୃଶ୍ୟମାନ କ୍ଷେତ୍ରରେ ଥିବା କମ୍ପାନୀଗୁଡିକୁ ନେଇ ପ୍ରସ୍ତୁତ। ଡିଏସ୍‌ପି ଏମଏଫ୍‌ର ବିଶ୍ୱାସ ଯେ କମ୍ ପରିମାଣର ଋଣ ସହିତ ଅଧିକ ଅର୍ଥ ପ୍ରବାହ ବ୍ୟବସ୍ଥା ସୃଷ୍ଟି ଦୀର୍ଘସୂତ୍ରୀ ଆକାରରେ ଉତ୍ତମ ଭାବେ କାର୍ଯ୍ୟ କରିଥାଏ ଏବଂ ଆମେ ସମ୍ପ୍ରତି ଯାହା ଦେଖୁଛୁ ସଙ୍କଟ ସମୟରେ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିବେଚିତ ହୁଏ। ମାତ୍ରାଧିକ ଋଣକୁ ନେଇ ଭାରାକ୍ରାନ୍ତ ଅଥବା ସ୍ୱଳ୍ପ ଅର୍ଥ ପ୍ରବାହ ବ୍ୟବସ୍ଥା ଥିବା କମ୍ପାନୀଗୁଡିକ ହୁଏତ ସଫଳତାର ସହିତ ପ୍ରତିଦ୍ୱନ୍ଦ୍ୱିତା କରିବା ନେଇ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ଗୋଟିଏ କମ୍ପାନୀ ମୂଳଧନକୁ କେତେ ଦକ୍ଷ ଭାବରେ ନିବେଶ କରିପାରୁଛି ଏବଂ ପୁଞ୍ଜି ଦକ୍ଷତାଭିତ୍ତିକ ବ୍ୟବସାୟକୁ ପସନ୍ଦ କରୁଛି, ତାହା ଉପରେ ସମ୍ପତ୍ତି ସୃଷ୍ଟି ନିର୍ଭର କରେ ବୋଲି ଡିଏସ୍‌ପିର ବିଶ୍ୱାସ। ଏହା ଏକଥା ମଧ୍ୟ କହିଛି ଯେ ସାମ୍ପ୍ରତିକ ପରିବେଶ ଅନିଶ୍ଚିତ ଏବଂ ଅସ୍ଥିର ଅବସ୍ଥାରେ ରହିଛି। ବର୍ତ୍ତମାନ ସମୟରେ ଘଟୁଥିବା ପରିବର୍ତ୍ତନ ଉପଭୋକ୍ତାଙ୍କ ଆଚରଣରେ ପରିବର୍ତ୍ତନ ଆଣିବ। ତେଣୁ ଏହାକୁ ନେଇ ଡିଏସ୍‌ପି ଏମଏଫ ଉଲ୍ଲସିତ ଥିଲେ ମଧ୍ୟ ଭବିଷ୍ୟତ ପ୍ରତି ସଜାଗ ଦୃଷ୍ଟି ରଖିଛି।

# ପୁରୀ ପାଇଁ ଐତିହାସିକ ଦିନ :ମୁଖ୍ୟମନ୍ତ୍ରୀ

ପୁରୀ/ ନୂଆଦିଲ୍ଲୀ/ଭୁବନେଶ୍ୱର, (ପି.ଏନ): ପୁରୀରେ ଶ୍ରୀଜଗନ୍ନାଥ ମେଡ଼ିକାଲ କଲେଜ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଲୋକାର୍ପିତ ହୋଇଯାଇଛି। ଲୋକାର୍ପଣ ସମାରୋହରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମନସୁଖ ମାଣ୍ଡଭୀୟ ଭର୍ଚୁଆଲ ମାଧ୍ୟମରେ ଯୋଡ଼ି ହୋଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏହା ପୁରୀ ପାଇଁ ଐତିହାସିକ ଦିନ। ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ପ୍ରଚେଷ୍ଟାରେ ପୁରୀବାସୀଙ୍କ ସେବା କରିବାରେ ଏହି ଶିକ୍ଷାନୁଷ୍ଠାନ ନାଁ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ବ୍ୟକ୍ତ କରିଥିଲେ। ଅପରପକ୍ଷରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ମାଣ୍ଡଭୀୟ ଓଡ଼ିଶାବାସୀଙ୍କୁ ସୁଲଭ ମୂଲ୍ୟରେ ସ୍ୱାସ୍ଥ୍ୟସେବା ଉପଲବ୍ଧ କରିବା ପାଇଁ ଆୟୁଷ୍ମାନ ଯୋଜନା ଲାଗୁ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଅନୁରୋଧ କରିଛନ୍ତି। ଏହି ଯୋଜନା ଲାଗୁ ହେବା ଦ୍ୱାରା ଓଡ଼ିଆ ଲୋକମାନେ ଲାଭ ପାଇବେ ଏବଂ ସ୍ୱାସ୍ଥ୍ୟ ବ୍ୟବସ୍ଥା ଭଲ ରହିବ ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମ ପରେ ଆୟୋଜିତ ସଭାରେ ମୁଖ୍ୟମନ୍ତ୍ରୀ କହିଥିଲେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ କ୍ଷେତ୍ରରେ ଏକ ଉନ୍ନତମାନର ମେଡିକାଲ କଲେଜ ପ୍ରତିଷ୍ଠା ହୋଇଛି। ଏହାଦ୍ୱାରା ମେଧାବୀ ଛାତ୍ରଛାତ୍ରୀମାନେ ମେଡିକାଲ ପାଠ ପଢ଼ିବା ସହିତ ପୁରୀ ଜିଲ୍ଲାରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ନୂଆ ଯୁଗ ଆରମ୍ଭ ହେଲା। କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରଛାତ୍ରୀ ମାନଙ୍କ ସହିତ ଆଲୋଚନା କରି ମୁଖ୍ୟମନ୍ତ୍ରୀ ସେମାନଙ୍କୁ ଅଭିନନ୍ଦନ ଜଣାଇଥିଲେ ଏବଂ ଭବିଷ୍ୟତରେ ଭଲ ଡାକ୍ତର ହୋଇ ନିଷ୍ଠାପର ଭାବେ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ସେମାନଙ୍କୁ ପରାମର୍ଶ ଦେଇଥିଲେ। ଶିକ୍ଷକ ଓ ଛାତ୍ରଛାତ୍ରୀ ମାନଙ୍କ ଉଦ୍ୟମରେ ଏହି କଲେଜ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନିଜର ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଥିଲେ। ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରୁ ପୁରୀର ଶ୍ରୀ ସମ୍ପିତ ନାୟକ, ରାଜସ୍ଥାନର ପ୍ରଗତୀ ମୀନା ଓ ଓଡିଶାର ଶ୍ରୀ ସିଦ୍ଧାର୍ଥ ସାହୁ ପ୍ରମୁଖ ଛାତ୍ରଛାତ୍ରୀ ଏହି ଆଲୋଚନାରେ ଭାଗ ନେଇ ପୁରୀରେ ପଢିବାର ସୁଯୋଗ ପାଇଥିବାରୁ ଖୁସି ପ୍ରକାଶ କରି ଭବିଷ୍ୟତରେ ଚିକିତ୍ସା ସେବା କ୍ଷେତ୍ରରେ ପ୍ରତିଶୃତିବଦ୍ଧ ହୋଇ କାମ କରିବେ ବୋଲି କହିଥିଲେ। ପିଲାମାନେ କଲେଜର ଭିତିଭୂମିର ଉଚ୍ଚପ୍ରଶଂସା କରିଥିଲେ। ଛାତ୍ରଛାତ୍ରୀଙ୍କ ସହ ମତ ବିନିମୟ କରିବା ଅବସରରେ ଶ୍ରୀ ମାଣ୍ଡଭୀୟ ଓଡ଼ିଶାରେ ସ୍ୱାସ୍ଥ୍ୟସେବା ସୁଲଭ ଓ ସର୍ବବ୍ୟାପୀ କରିବା ପାଇଁ ମେଡ଼ିକାଲ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି ଯେ ପୁରୀ ଜଗନ୍ନାଥ ମନ୍ଦିର ଯାଇ ଦର୍ଶନ କରିବା ଓ ମହାପ୍ରସାଦ ସେବନ କରିବା ଆମ ପାଇଁ ଗର୍ବର ବିଷୟ। ସେହି ପବିତ୍ର ଧାମରେ ରହି ମେଡ଼ିକାଲ ଶିକ୍ଷା ଲାଭ କରିବା ଛାତ୍ରଛାତ୍ରୀଙ୍କ ପାଇଁ ଗର୍ବର ବିଷୟ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସ୍ୱପ୍ନ ରହିଛି ସ୍ୱାସ୍ଥ୍ୟସେବା ସୁଲଭ ଏବଂ ସର୍ବବ୍ୟାପୀ ହେବା ଦରକାର। ଏଥିପାଇଁ ଏକ ଡ଼ାକ୍ତର ରୂପରେ ଛାତ୍ରଛାତ୍ରୀଙ୍କୁ ଦୂର, ସୁଦୂର, ଗାଁ ଯେଉଁଠି ବି ଦାୟିତ୍ୱ ମିଳୁଛି, ସେମାନେ ଗରିବଙ୍କ ସେବା କରିବା ପାଇଁ ନିଜକୁ ଉତ୍ସର୍ଗ କରିବା ସହ ଦେଶର ସ୍ୱାସ୍ଥ୍ୟ କ୍ଷେତ୍ରରେ ଯୋଗଦାନ ରଖନ୍ତୁ। ମୋଦି ସରକାର ଓ ରାଜ୍ୟ ସରକାର ମିଳିତ ଭାବରେ ରାଜ୍ୟରେ ଅନେକ ମେଡ଼ିକାଲ କଲେଜ ଆରମ୍ଭ କରିଛନ୍ତି ଏବଂ ଆଗାମୀ ଦିନରେ ଅନେକ ମେଡ଼ିକାଲ କଲେଜ କାର୍ଯ୍ୟକ୍ଷମ ହେବାକୁ ଯାଉଛି। ଓଡ଼ିଶା ସମେତ ଦେଶର ଛାତ୍ରଛାତ୍ରୀମାନେ ଗୁଣାତ୍ମକ ଶିକ୍ଷା ନେଇ ଉତ୍ତମ ଡ଼ାକ୍ତର ହୁଅନ୍ତୁ ଏବଂ ସରକାରୀ ବ୍ୟବସ୍ଥାକୁ ଉପଯୋଗ କରି ରାଜ୍ୟ ଓ ରାଷ୍ଟ୍ର ନିର୍ମାଣରେ ନିଜର ଯୋଗଦାନ ରଖନ୍ତୁ। ସୁନ୍ଦରଗଡ଼ରେ ଏନଟିପିସି ତରଫରୁ ହସ୍ପିଟାଲ ହୋଇଛି। ତାଳଚେରରେ କୋଲ ଇଣ୍ଡିଆ ୧ ହଜାର କୋଟି ଟଙ୍କା ଖର୍ଚ୍ଚ କରି ମେଡ଼ିକାଲ କଲେଜ ନିର୍ମାଣ କରିଛି। ମୋଦି ସରକାରଙ୍କ ସମୟରେ ଓଡ଼ିଶାରେ ସ୍ୱାସ୍ଥ୍ୟ ସୁବିଧା, ମେଡ଼ିକାଲ କଲେଜ ଓ ସିଟ୍ ସଂଖ୍ୟା ବୃଦ୍ଧି ପାଉଛି। ଏହାର ଲାଭ ଓଡ଼ିଶାକୁ ମିଳିବ ବୋଲି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ମନସୁଖ ମାଣ୍ଡଭୀୟ କହିଛନ୍ତି।

ଏହି ଉତ୍ସବରେ ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ ଦାସ,ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା , ପୁରୀ ସାଂସଦ ପିନାକୀ ମିଶ୍ର,ଫାଇଭ - ଟି ସଚିବ ଭି.କେ ପାଣ୍ଡିଆନ , ପୂର୍ବତନ ବାଚସ୍ପତି ମହେଶ୍ୱର ମହାନ୍ତି, ରାଜ୍ୟ ଯୋଜନା ବୋର୍ଡ଼ ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସବର୍ମା, ଓ ଜିଲ୍ଲାର ସମସ୍ତ ବିଧାୟକ ପ୍ରମୁଖ ଯୋଗ ଦେଇଥିଲେ। ଏହି କଲେଜରେ ଛାତ୍ରଛାତ୍ରୀ ମାନଙ୍କ ପାଇଁ ୧୦୦ଟି ଏମବିବିଏସ ଆସନ ରହିଛି। ଏହାଦ୍ୱାରା ବର୍ତ୍ତମାନ ସାରା ରାଜ୍ୟରେ ୮ଟି ସରକାରୀ ମେଡିକାଲ କଲେଜର ସମୁଦାୟ ଏମବିବିଏସ ଆସନ ସଂଖ୍ୟା ୧୨୫୦କୁ ବୃଦ୍ଧି ପାଇଛି। ମେଡିକାଲ କଲେଜ ସହିତ ୬୫୦ ଆସନ ବିଶିଷ୍ଟ ଏକ ସାତ ମହଲା ବିଶିଷ୍ଟ ଶିକ୍ଷା ହସ୍‌ପିଟାଲ ନିର୍ମାଣ ପାଇଁ ମଧ୍ୟ କାମ ଚାଲିଛି। ଏହି ଶିକ୍ଷା ହସ୍‌ପିଟାଲ ଜୁଲାଇ ୨୦୨୩ ସୁଦ୍ଧା ଏହା ସଂପୂର୍ଣ୍ଣ ହେବ ବୋଲି ଜଣାଯାଇଛି। ବର୍ତ୍ତମାନ ଏହି କଲେଜ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଶିକ୍ଷା ହସ୍‌ପିଟାଲ ଭାବେ କାର୍ଯ୍ୟ କରୁଛି। ପୁରୀକୁ ବହୁ ସଂଖ୍ୟାରେ ପର୍ଯ୍ୟଟକ ଆସୁଥିବାରୁ ଏହି ମେଡିକାଲ କଲେଜ ଓ ହସ୍‌ପିଟାଲ ଜିଲ୍ଲାର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ।

# ବିଜେପି ପ୍ରଦେଶ ନିର୍ବାଚ଼ନ କମିଟିର ସଦସ୍ୟ ପଦବୀ ନିଯୁକ୍ତି

କୁକୁଡାଖଣ୍ଡି(ଇପିଲି ପୂର୍ଣ୍ଣଚ଼ନ୍ଦ୍ର)(ପି.ଏନ) : ବିଜେପିର ବରିଷ୍ଠ ନେତା ତଥା ପୂର୍ବତନ ରାଜ୍ୟ ସମ୍ପାଦକ ଶ୍ରୀକାନ୍ତ ପାଢ଼ୀଙ୍କୁ ବିଜେପି ପ୍ରଦେଶ ନିର୍ବାଚ଼ନ କମିଟିର ସଦସ୍ୟ ଭାବେ ମନୋନୀତ କରି ନୂତନ ଦାଇତ୍ୱ ଦେଇଛନ୍ତି। ଆଜି ଭୁବନେଶ୍ୱର ବିଜେପି କାର୍ଯ୍ୟାଳୟରେ ରାଜ୍ୟ ନିର୍ବାଚ଼ନ ପରିଚ଼ାଳନା କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ପାର୍ଟିର ରାଜ୍ୟ ସଭାପତି ମନ ମୋହନ ସାମଲ,ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ସୁନୀଲ ବଂଶଲଜୀ, ରାଜ୍ୟ ସଙ୍ଗଠନ ମନ୍ତ୍ରୀ ମାନସ ମହାନ୍ତି ,ବିଜୟ ପାଲ ସିଂହ ତୋମର,ଉଷା ଉସେଣ୍ଡି ତଥା ଆନ୍ୟ ବରିଷ୍ଠ ନେତୃତ୍ୱବୃନ୍ଦଙ୍କ ଉପସ୍ଥିତିରେ ଏହି ବୈଠକରେ ଅନୁଷ୍ଠିତ ହେବା ସହ ଶ୍ରୀ ପାଢ଼ୀଙ୍କୁ ନୂତନ ଦାୟିତ୍ୱ ଦିଆ ଯାଇଥିଲା। ଶ୍ରୀ ପାଢ଼ୀ ଜଣେ ଉତ୍ତମ ରାଜନୀତିଜ୍ଞ ତଥା ବରିଷ୍ଠ ଆଇନଜୀବୀ ହେବା ସହ ଅନେକ ସାମାଜିକ କାମରେ ମଧ୍ୟ ଅନେକ ପ୍ରଶଂସା ସାଉଁଟିଛନ୍ତି। ଗରିବ ଜନସାଧାରଣ ଏବଂ ନିରୀହ ଆଦିବାସୀଙ୍କ ପାଇଁ ସେ ଆଦର୍ଶ ସାଜିଛନ୍ତି କ୍ଷ ବିଜୁଳି,ପକ୍କା ରାସ୍ତା, ଶିକ୍ଷା, ସ୍ୱାସ୍ଥ୍ୟ ହଉ ବା ପାଣି ଏପରି ଅନେକ ସମସ୍ୟାର ସମାଧାନ କରି ଲୋକଙ୍କ ଭଲପାଇବା ଓ ଆଶୀର୍ବାଦର ପାତ୍ର ହେଇଛନ୍ତି। ଶ୍ରୀ ପାଢ଼ୀଙ୍କ ଜନ୍ମ ଗଞ୍ଜାମ ଜିଲ୍ଲାରେ ହୋଇଥିଲା। ବିଜେପି କଲେଜରେ ପାଠ ପଢା ସାରି ସୁରତରୁ ଆଇନରେ ସ୍ନାତକ ଏବଂ ମୁମ୍ବାଇ ବିଶ୍ୱବିଦ୍ୟାଳୟରୁ ସ୍ନାତକଉତରରେ ଉତୀର୍ଣ୍ଣ ହୋଇଥିଲେ। ସେ ଛାତ୍ର ସମୟରୁ ହିଁ ରାଜନୀତିରେ ଦକ୍ଷ ଥିଲେ। ପରବର୍ତୀ ସମୟରେ ସେ ମହାରାଷ୍ଟ୍ର ପ୍ରଦେଶର ରାଜ୍ୟ ସମ୍ପାଦକ ଭାବରେ ଦାୟିତ୍ୱ ଗ୍ରହଣ କରିଥିଲେ ଏବଂ ଦୁଇ ଥର କେନ୍ଦ୍ରୀୟ ଚ଼ଳଚ଼ିତ୍ର ପ୍ରାମାଣିକ ବୋର୍ଡ଼ର ସଦସ୍ୟ ଭାବେ କାର୍ଯ୍ୟ କରିଛନ୍ତି ଶ୍ରୀ ପାଢ଼ୀ। ସେ ଗୁଜରାତ ତିନି ଥର, କର୍ଣ୍ଣାଟକ ଥରେ, ଦିଲ୍ଲୀ ଥରେ, ଉତ୍ତର ପ୍ରଦେଶ, ମହାରାଷ୍ଟ୍ର, ଆସାମ, ଓଡିଶା ଇତ୍ୟାଦି ପ୍ରଦେଶ ରେ ନିର୍ବାଚ଼ନ ସମୟରେ ସଂଚ଼ାଳନ କରିବାର ବହୁତ ଅଭିଜ୍ଞାତା ଅଛି.ତାଙ୍କୁ ପ୍ରବାସୀ ମାନଙ୍କ ବିଷୟ ରେ ଦାୟିତ୍ୱ ଦିଆଯାଇଛି।




2024-2025

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on Facebook.com/Mps, Baripada




# ବୟସ୍କ ଭାରତର ଚାଲେଞ୍ଜ

ଭାରତ ଏକ ବୟସ୍କ ସମାଜ ଆଡ଼କୁ ପରିବର୍ତ୍ତନ ଦେଇ ଗତି କରୁଛି ବୋଲି ସଦ୍ୟ ପ୍ରକାଶିତ ଅର୍ଥନୈତିକ ସର୍ଭେରୁ ଜନସଂଖ୍ୟା ଭିତ୍ତିକ ବିଶ୍ଳେଷଣକୁ ଆଧାର କରି କୁହାଯାଇଛି। ଅର୍ଥାତ୍ ଖୁବ କମ ସମୟ ମଧ୍ୟରେ ଦେଶରେ ବୃଦ୍ଧ ଲୋକଙ୍କ ସଂଖ୍ୟା ଅଧିକ ହେବ। ୨୦୧୧ରେ ମୋଟ ଲୋକସଂଖ୍ୟାରେ ବୁଢ଼ାବୁଢ଼ୀଙ୍କ ସଂଖ୍ୟା ୮.୬ ପ୍ରତିଶତ ଥିବା ବେଳେ ୨୦୪୧ ବେଳକୁ ତାହା ୨୫ ପ୍ରତିଶତରେ ପହ ୍ବ। ଏହି ପରିବର୍ତ୍ତନର ପ୍ରଭାବ ନୀତି ପ୍ରଣୟନକାରୀମାନଙ୍କ ଉପରେ ଯଥେଷ୍ଟ ଅଧିକ ପଡ଼ିବ। ଉଲ୍ଲେଖନୀୟ ବିଷୟ ହେଲା ଆଗରୁ ଜନ୍ମହାର କମ୍ ଥିବା ଦକ୍ଷିଣ ଭାରତ ସାଙ୍ଗକୁ ମହାରାଷ୍ଟ୍ର ଓ ପଶ୍ଚିମବଙ୍ଗରେ ଗର୍ଭଧାନହାର ନିମ୍ନଗାମୀ ହୋଇଥିବାବେଳେ ଉଚ୍ଚତର ଜନ୍ମହାର ପାଇଁ ଜଣାଶୁଣା ଉତ୍ତର ଭାରତରେ ବି ହିମାଳୟ ପ୍ରଦେଶ ଓ ପଞ୍ଜାବ ପରି ରାଜ୍ୟ ସେହି ଧାରାକୁ ଆସିଗଲେଣି। ଏସବୁ ରାଜ୍ୟରେ ଜନ୍ମହ୍ରାସ ଯୋଗୁଁ ଯୁବକଙ୍କ ସଂଖ୍ୟା କମୁଛି। ପୃଥିବୀର ଦ୍ୱିତୀୟ ଜନବହୁଳ ରାଷ୍ଟ୍ରଭାବେ ପରିଗଣିତ ଭାରତ ଅଳ୍ପ କେଇ ବର୍ଷ ଭିତରେ ଚୀନକୁ ଟପି ସବୁଠାରୁ ଜନବହୁଳ ରାଷ୍ଟ୍ର ହେବ ବୋଲି କୁହାଯାଉଛି। ତାସତ୍ତ୍ୱେ ଦେଶରେ ଜନ୍ମହାର କମୁଛି। ସ୍ୱାଧୀନତା ପରେ ଦେଶରେ ଉଭୟ ଜନ୍ମ ଓ ମୃତ୍ୟୁହାର ଉଚ୍ଚଥିଲା। ଗତ କିଛି ବର୍ଷ ମଧ୍ୟରେ ଉଭୟ ହାର ହ୍ରାସ ପାଉଛି। ତାହା ଜନସଂଖ୍ୟା ନିୟନ୍ତ୍ରଣ ପାଇଁ ତଥା ଆୟୂହାର ବୃଦ୍ଧି କ୍ଷେତ୍ରରେ ବଡ଼ସଫଳତା। କିନ୍ତୁ ଏଥର ଅର୍ଥନୈତିକ ସର୍ଭେରେ ଯେଉଁ ନୂଆ ଧାରାର ଅବତାରଣା କରାଯାଇଛି ତାହା ଆଗାମୀ ଦିନର ଯୋଜନା ପ୍ରଣୟନକାରୀ ମାନଙ୍କ ପାଇଁ ଏକ ଚାଲେଞ୍ଜ ହେବ। ବିଡ଼ମ୍ବନାର ବିଷୟ ଯେ, ଅନ୍ୟ ଦେଶ ମାନଙ୍କ ତୁଳନାରେ ଭାରତ ତାର ଜନସଂଖ୍ୟାର ସ୍ୱାତନ୍ତ୍ରତା ଯୋଗୁଁ ଯେଉଁ ଫାଇଦା ନେବା କଥା ତାହା ନେଇପାରିନଥିବା ବେଳେ ସର୍ଭେ ଏକ ବିପରୀତ ଆହ୍ୱାନ ଆଣି ଦେଇଛି। ଜନସଂଖ୍ୟାରେ ଯୁବକଙ୍କ ସଂଖ୍ୟା ଅଧିକ ଥିବାରୁ ଭାରତ ସେମାନଙ୍କର ଉତ୍ପାଦିକା ଶକ୍ତିର ଫାଇଦା ପାଇବା କଥା। କିନ୍ତୁ ତାହା ଏଯାଏଁ ହୋଇପାରିନାହିଁ। କାରଣ ସେମାନଙ୍କୁ ନିଯୁକ୍ତି ଦିଆଯାଇପାରୁନାହିଁ। ଏବେକାର ଜନସଂଖ୍ୟାରେ ବେକାରଙ୍କ ହାର ବେଶୀ। ଏହି ଅବସ୍ଥାରେ ଅର୍ଥନୈତିକ ସର୍ଭେ କହିଛି ଯେ ଖୁବଶୀଘ୍ର ଦେଶର ଜନସଂଖ୍ୟାରେ ଯୁବକଙ୍କ ଅପେକ୍ଷା ବୁଢ଼ାଙ୍କ ସଂଖ୍ୟା ବଢ଼ିଯିବ ଓ ସେହି କାରଣରୁ ଅବସର ସମୟ ୭୦ବର୍ଷକୁ ବଢ଼ାଇବା ଆବଶ୍ୟକ ହୋଇପାରେ। ପ୍ରକୃତରେ ଦେଶର ଏବେକାର ସ୍ଥିତି ପରିପ୍ରେକ୍ଷୀରେ ସର୍ଭେ ଉପସ୍ଥାପନ କରିଥିବା ଭବିଷ୍ୟତ ଚିତ୍ର ଅନେକଙ୍କୁ ଚକିତ କରିପାରେ। ସର୍ଭେରେ କୁହାଯାଇଛି ଯେ, ଜନସଂଖ୍ୟା ହ୍ରାସ ଯୋଗୁଁ ପ୍ରାଥମିକ ସ୍କୁଲ ଗୁଡ଼ିକରେ ଛାତ୍ରଛାତ୍ରୀ ମିଳିବନାହିଁ। ଏଣୁ ସ୍କୁଲ ଗୁଡ଼ିକୁ ମିଶାଇ ଦେବାକୁ ପଡ଼ିବ। ଭାରତର କର୍ମକ୍ଷମ ବୟସ ଲୋକ ସଂଖ୍ୟା ୨୦୪୧ ବେଳକୁ ସର୍ବୋଚ୍ଚ ସ୍ତରରେ ପହ ୍ବ। ଏଣୁ ଏହି ସମୟରେ ନିଯୁକ୍ତି ପରିସରକୁ ବ୍ୟାପକ କରିବାକୁ ହେବ। ଗତ ପା ବର୍ଷରେ ନରେନ୍ଦ୍ର ମୋଦି ସରକାର ନିଯୁକ୍ତି କ୍ଷେତ୍ରରେ ଘୋଷିତ ପ୍ରତିଶ୍ରୁତିକୁ ପୂରଣ କରିପାରିନଥିଲେ ସୁଦ୍ଧା ପୁନଃନିର୍ବାଚିତ ହୋଇଛି। ଏଣୁ ଆଗାମୀ ପା ବର୍ଷରେ ସରକାରଙ୍କ ପାଖରେ ନିଯୁକ୍ତି ଚାଲେଞ୍ଜ ରହିବ। ଅର୍ଥନୈତିକ ସର୍ଭେରେ ଜନସଂଖ୍ୟାର ଯେଉଁ ଭବିଷ୍ୟତ ସମଗ୍ର ପୃଥିବୀର ଧାରା। ସବୁ ସମୃଦ୍ଧ ଦେଶରେ ଜନ୍ମହାର କମି ଯୁବକଙ୍କ ଅପେକ୍ଷା ବୟୋବୃଦ୍ଧଙ୍କ ସଂଖ୍ୟା ବଢ଼ିଚାଲିଛି। ସବୁଠାରୁ ଜନବହୁଳ ରାଷ୍ଟ୍ର ଚୀନ କଠୋର ଜନ୍ମ ନିୟନ୍ତ୍ରଣ ନିୟମ ଲାଗୁ କରି ସେହି ଧାରାକୁ ପ୍ରାୟତଃ ଆସିଗଲାଣି। ଚୀନରେ ବୟସ୍କ ଜନସଂଖ୍ୟା ସମସ୍ୟାର ମୁକାବିଲା ପାଇଁ ସେଠାକାର ସରକାର ଏବେ ପୂର୍ବର ଏକ ସନ୍ତାନ ନୀତି ବଦଳରେ ଦ୍ୱିତୀୟ ସନ୍ତାନ ଜନ୍ମକୁ ଉତ୍ସାହିତ କରୁଛନ୍ତି। କିନ୍ତୁ ଲୋକେ ତାକୁ ଗ୍ରହଣ କରିବାକୁ ପ୍ରସ୍ତୁତ ନୁହଁନ୍ତି। ଅର୍ଥନୈତିକ ପ୍ରଗତି ଓ ଜନ୍ମହାର ନିୟନ୍ତ୍ରଣ ହାସଲ ହୋଇଥିବା ଦେଶ ମାନଙ୍କରେ ଲୋକେ ଆଉ ଅଧିକ ସନ୍ତାନ ଚାହୁଁନାହାନ୍ତି। ଭାରତ ମଧ୍ୟ ଏକ ସମୟରେ ସେହି ସ୍ଥିତିକୁ ଆସିବ। ଏଠାରେ ଶିକ୍ଷିତ, ସଚେତନ ତଥା ଆର୍ଥିକ ଦୃଷ୍ଟିରୁ ସ୍ୱଚ୍ଛଳ ପରିବାର ଗୁଡ଼ିକ ୧/୨ ସନ୍ତାନକୁ ଆଗକୁ ଯିବାକୁ ଚାହୁଁନାହାନ୍ତି। ସର୍ବୋପରି ଏକ ଛୋଟ ପରିବାରରର ଫାଇଦା ସମ୍ପ୍ରତି ଅଧିକାଂଶ ସଚେତନ ଭାରତୀୟଙ୍କୁ ଜନ୍ମ ନିୟନ୍ତ୍ରିତର ସପକ୍ଷବାଦୀ କରିଛି। ଏହି କାରଣରୁ ଧୀରେ ଧୀରେ ଦେଶରେ କର୍ମକ୍ଷମ ବୟସର ଲୋକଙ୍କ ସଂଖ୍ୟା କମିବ। ଏହି କମିବା ଧାରା ୨୦୩୧ରୁ ୨୦୪୧ ମଧ୍ୟରେ ପ୍ରକଟିତ ହେବ। ଏହାକୁ ଦେଖିଲେ କୁହାଯାଇପାରେ ଯେ ସର୍ଭେ ସୂଚାଇଥିବା ସଙ୍କଟ ପାଇଁ ବେଶ ସମୟ ବାକି ଅଛି। ଏହାମଧ୍ୟରେ ବର୍ଦ୍ଧିଷ୍ଣୁ ଯୁବଶ୍ରେଣୀ ପାଇଁ ଉପଯୁକ୍ତ ଶିକ୍ଷା, ତାଲିମ ଓ ନିଯୁକ୍ତି ସୃଷ୍ଟିକୁ ଅଗ୍ରାଧିକାର ଦିଆଯାଉ। ସେମାନଙ୍କ ଉତ୍ପାଦନ ସାମର୍ଥ୍ୟର ପୂର୍ଣ୍ଣ ଉପଯୋଗ କରାଯାଉ। ତାହା ଅର୍ଥନୈତିକକୁ ମଧ୍ୟବର୍ତ୍ତୀ କାଳୀନ ସମୟରେ ସୁଦୃଢ଼ କରିବାରେ ସାହାଯ୍ୟ କରିବ। ନଚେତ୍ କେତେକ ବିଶେଷଜ୍ଞ କହିଲେ ଯେ, ଭାରତ ଧନୀ ହେବା ଆଗରୁ ବୁଢ଼ା ହୋଇ ଯାଇଥିବ। କାରଣ ଏବେ ଦେଶରେ ଥିବା ବଳକା ଶ୍ରମଶକ୍ତି ବା ଯୁବଶ୍ରେଣୀ ବେକାର ହୋଇ ଅର୍ଥନୀତିକୁ କୌଣସି ସାହାଯ୍ୟ କରିପାରିବେ ନାହିଁ। ସେମାନଙ୍କ ସମୟ ଚାଲିଗଲା ବେଳକୁ ଜନସଂଖ୍ୟାରେ ଯୁବକଙ୍କ ଅପେକ୍ଷା ବୟୋଜ୍ୟେଷ୍ଠଙ୍କ ହାର ବଢ଼ିଯାଇଥିବ। ଅବଶ୍ୟ ସର୍ଭେ ଦର୍ଶାଇଥିବା ଧାରା ପାଇଁ ବି ଦେଶ ପ୍ରସ୍ତୁତ ରହିବା ଉଚିତ।

## ବିଶ୍ୱ ନିବେଶକ ସପ୍ତାହ ପାଳିତ



ଫୁଲନଖରା (ପିଏନ୍)-ସଦର ଥାନା ଅନ୍ତର୍ଗତ କାଜିପାଟଣାରେ ଆନ୍ତର୍ଜାତୀୟ ନିବେଶକ ସପ୍ତାହ ପାଳିତ ହୋଇଯାଇଛି। ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ଼ (ସେବି) ଓ ଅଭ୍ୟୁତ୍ଥାନ ଫାଉଣ୍ଡେସନ ଚାରିଟେବଲ ଟ୍ରଷ୍ଟ ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଟ୍ରଷ୍ଟ ନିର୍ଦ୍ଦେଶକ ତଥା ଭାରତୀୟ ରିଜର୍ଭ ବ୍ୟାଙ୍କ ପୂର୍ବତନ ସିଜିଏମ ଦାଶରଥି ମିଶ୍ର ଅଧ୍ୟକ୍ଷତା କରିଥିଲେ। ଇଣ୍ଡିଆନ ବ୍ୟାଙ୍କ ଅବସରପ୍ରାପ୍ତ ମୁଖ୍ୟ ପରିଚାଳକ କ୍ଷୀରୋଦଚନ୍ଦ୍ର ପାତ୍ର ଡିଜିଟାଲ ବ୍ୟାଙ୍କିଙ୍ଗ, ଅଟଳ ପେନସନ ଯୋଜନା ଓ ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ଯୋଜନା ବିଷୟରେ ଆଲୋକପାତ କରିବା ସହିତ ବ୍ୟାଙ୍କ-ଆର୍ଥିକ ସୁରକ୍ଷା ସମ୍ପର୍କରେ ମହିଳାମାନଙ୍କୁ ଅବଗତ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର, ବିଜୟକୁମାର ପାଲ, ଶିବଚରଣ ମହାନ୍ତି, ଦେବରାଜ ମିଶ୍ର, ବୈଦ୍ୟନାଥ ସାହୁ, କେଶବ ସ୍ୱାଇଁ, ସୁବାସଚନ୍ଦ୍ର ସ୍ୱାଇଁ, ବ୍ରହ୍ମାନନ୍ଦ ସେନାପତି, କିଶୋର ପ୍ରଧାନ, ବୈଦ୍ୟନାଥ ସ୍ୱାଇଁ, ରାଜକିଶୋର ପରିଡ଼ା ଓ ପ୍ରମୋଦକୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ବ୍ୟାଙ୍କିଙ୍ଗ କ୍ଷେତ୍ରରେ ସୁରକ୍ଷିତ ନିବେଶ ଓ ଜମା ସଂକ୍ରାନ୍ତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଉପସ୍ଥାପନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ ମହିଳା ଗୋଷ୍ଠୀ ସଦସ୍ୟା ମାନେ ଉପସ୍ଥିତ ଥିଲେ।

# ଜଙ୍ଗଲ ସଂରକ୍ଷଣରେ ଠେଙ୍ଗାପାଳି

ରାମାୟଣ କାହାଣୀରୁ ମିଳେ ଯେ ଏକଦା ସୀତା ତାଙ୍କ ପୁତ୍ର ଲବ ଓ କୁଶଙ୍କୁ ନେଇ ଜଙ୍ଗଲକୁ ହୋମକାଠ ବା ସମିଧ ସଂଗ୍ରହ ପାଇଁ ଯାଉଥିଲେ। ହଠାତ୍ କୁଶ କାତିଟିଏ ଧରି ଗୋଟେ କଂଚା ଡାଳ କାଟିବାକୁ ଯାଆନ୍ତେ ସୀତା ତାକୁ ଅଟକାଇ କହିଲେ, "ଥାଉ ଜୀଅନ୍ତା ଗଛରେ କଟୁରୀ ମାର ନାହିଁ, ବୃକ୍ଷଦେବତାଙ୍କୁ ବଂଚିବାକୁ ଦିଆଯାଉ। କେବଳ ଶୁଖିଲା କାଠ ସଂଗ୍ରହ କର।" ଏ ପଂକ୍ତିଟି ଅରଣ୍ୟ ସଂରକ୍ଷଣର ଏକ ଦୃଷ୍ଟାନ୍ତ। ଏହା ସ୍ପଷ୍ଟ କରିଦିଏ ଯେ ଦୂର ଅତୀତରୁ ଲୋକେ ହଜାର ହଜାର ବର୍ଷ ଧରି ଅରଣ୍ୟକୁ ସୁରକ୍ଷା ଦେଇ ଆସୁଥିଲେ। ଭାରତ କଥା କହିଲେ ୧୮୭୦ ମସିହାରେ ବ୍ରିଟିଶ ସରକାର ଜଙ୍ଗଲକୁ ସରକାରଙ୍କ ଅଧୀନକୁ ନେଲେ। ସେବେଠୁ ଆରମ୍ଭ ହୋଇଛି ଅରଣ୍ୟର ଅବକ୍ଷୟ। ସଂପ୍ରତି ଜଙ୍ଗଲ ସଂରକ୍ଷଣ ଏବଂ ନୂତନ ଜଙ୍ଗଲ ସୃଷ୍ଟି ନିମନ୍ତେ ସରକାର ଯୌଥ ଜଙ୍ଗଲ ପରିଚାଳନା ଅର୍ଥାତ୍ ସରକାର ଓ ଲୋକଙ୍କ ପାଇଁ ଲୋକମାନଙ୍କୁ ପ୍ରବର୍ତ୍ତାଉଛନ୍ତି। କିଛି ଯାଗାରେ କେତେକାଂଶରେ ସଫଳ ହେଉଛନ୍ତି। ଏନେଇ ସରକାରୀ ପ୍ରୋତ୍ସାହନରେ ବନସୁରକ୍ଷା ସମିତି ଗଠନ କରାଯାଉଛି ଏବଂ ଜଙ୍ଗଲ ସଂରକ୍ଷଣ ନେଇ କୋଟି କୋଟି ଟଙ୍କା ବ୍ୟୟ ବରାଦ ହୋଇ ଖର୍ଚ୍ଚ ହେଉଛି। ଅଥଚ ଏହାର ଆଶାନୁରୂପ ସଫଳତା ମିଳୁନାହିଁ। ଅନ୍ୟପକ୍ଷରେ ରକ୍ଷକମାନେ ଭକ୍ଷକ ସାଜିଛନ୍ତି। ଏପରିସ୍ଥଳେ ଜଙ୍ଗଲର ଅବକ୍ଷୟ ରୋକି ହେଉନାହିଁ। ଏଣୁ ଦ୍ରୁତବେଗରେ ଜଙ୍ଗଲ ହ୍ରାସ ଘଟୁଛି। ଜଙ୍ଗଲର ସୁରକ୍ଷା ନିମନ୍ତେ ଜାତୀୟ ଏବଂ ଆନ୍ତର୍ଜାତୀୟ କ୍ଷେତ୍ରରେ ନିଶ୍ଚୟ ଚିନ୍ତା କରାଯାଉଛି। ସେଥିପାଇଁ ସଚେତନତା ସୃଷ୍ଟିରେ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ ହେଉଛି। ପରିବେଶ ଦିବସ ଓ ବନ ମହୋତ୍ସବ ସପ୍ତାହ ପାଳନ ଇତ୍ୟାଦି ବ୍ୟବସ୍ଥା ଅଛି। କିନ୍ତୁ ଏଗୁଡ଼ିକର ପ୍ରଭାବ ବା ଫଳ 'ଶୂନ' ମିଳୁଛି, ଏଥିପାଇଁ ଯେ ଏଗୁଡ଼ିକ ଭାଷଣବାଜିରେ ଧୋବ ଧୋବଳିଆ ଏବଂ ତଥାକଥିତ ବଡ଼ବଡ଼ିଆମାନଙ୍କୁ ନେଇ ସହରର କୋଉ ହୋଟେଲର 'ବ୍ୟବସ୍ଥାପିତ କକ୍ଷ' ବା 'ଭବନ'ରେ ଚାଲିଛି। ଏହା ବାସ୍ତବ କ୍ଷେତ୍ରରେ କିଛି ପ୍ରଭାବ ପକାଏ ନାହିଁ। ଜଙ୍ଗଲ ସଂରକ୍ଷଣ ପାଇଁ ସରକାରୀ ନୀତି ଅଥବା କୌଣସି ପରିବେଶବିତ୍‌ମାନଙ୍କର ମନ୍ତବ୍ୟ କେବଳ ଖବରକାଗଜ ପୃଷ୍ଠାରେ ଅବା ଅନ୍ୟ କୌଣସି ଗଣମାଧ୍ୟମରେ ପ୍ରକାଶିତ ବା ପ୍ରସାରିତ ହେଉଛି ଯାହାକି କେବଳ ନିଜସ୍ୱ ଡିଣ୍ଡିମା ବଜେଇବା ଛଡ଼ା ଅନ୍ୟ କିଛି ନୁହେଁ।

ଜଙ୍ଗଲ ସଂରକ୍ଷଣ କଥା କହିଲେ ଆସନ୍ତୁ "ଠେଙ୍ଗାପାଳି"କୁ ଆସିବା। ଠେଙ୍ଗାପାଳି କହିଲେ ଗଉଡ଼ମାନେ ଠେଙ୍ଗା ବା ବାଡ଼ି ଧରି ଗାଈପଲ ଜଗିଲା ପରି ଜଙ୍ଗଲକୁ ଲୋକମାନଙ୍କ ଦ୍ୱାରା ସୁରକ୍ଷା ଦେବାରେ ଠେଙ୍ଗାଧରି ଗ୍ରାମବାସୀ ବା ଲୋକମାନେ ପାଳି କରି ଜଗିବାକୁ ବୁଝାଏ। ସରକାରୀ ସ୍ତରରେ ଜଙ୍ଗଲ ଜଗିବା ପାଇଁ ଜଙ୍ଗଲ ରକ୍ଷୀ ବା ଫରେଷ୍ଟଗାର୍ଡ ଅଛନ୍ତି। କିନ୍ତୁ ଠେଙ୍ଗାପାଳି ଏକ ବେସରକାରୀ ତଥା ସ୍ୱେଚ୍ଛାସେବୀ କାର୍ଯ୍ୟକ୍ରମ। ଏହା ଏକ ନିର୍ଦ୍ଦିଷ୍ଟ ଗ୍ରାମାଂଚଳରେ କାର୍ଯ୍ୟକାରୀ ହୋଇଥାଏ। ଏ ପ୍ରକାର କାର୍ଯ୍ୟକାରିତା କ୍ରମେ ପରିବେଶବିତ୍ ଡ. ନାରାୟଣୀ ହଜାରୀଙ୍କ ତତ୍ତ୍ୱାବଧାନ ଏବଂ ନେତୃତ୍ୱରେ ପ୍ରଥମେ ନୟାଗଡ଼ଠାରୁ ଏଗାର କିଲୋମିଟର ଦୂରରେ ବନ୍ଧଗ୍ରାମ (କେଶରପୁର), ପୁଆଣିଆ, ଆର୍ଙ୍ଗସିଙ୍ଗ, ଚାମୌଲ, କନ୍‌ଟାବଣିଆ, ସାନଗୋରଡ଼ା, ବଡ଼ଗୋରଡ଼ା, ନାଗମୁଣ୍ଡଳି, ମାନପୁର ଓ ଗମ୍ଭାରିଡିହି ପ୍ରଭୃତି ୧୩ଟି ଗ୍ରାମରେ ହୋଇଥିଲା। ପରବର୍ତ୍ତୀ ସମୟରେ ଏହା ୧୦୦ଟି ଗ୍ରାମକୁ ନେଇ 'ଚୂଲିଚାନ୍ଦା' ପାଣ୍ଠି ସଂଗ୍ରହ ପାଇଁ ପ୍ରସାରିତ ହୋଇ ଠେଙ୍ଗାପାଳି କାର୍ଯ୍ୟକ୍ରମ ପ୍ରସାରିତ ହୋଇଥିଲା। ଏହି ସବୁ ଗ୍ରାମମାନଙ୍କର ଘର ପ୍ରତି ବା ଗାଁ ପ୍ରତି ଜଣେ ଲେଖାଏଁ ପାଳିକରି ଗାଁ ସଂଲଗ୍ନ ପାହାଡ଼, ମୁଣ୍ଡିଆ ଏବଂ ଆଂଚଳିକ ଜଙ୍ଗଲକୁ ସୁରକ୍ଷା ଦେବାର ବ୍ୟବସ୍ଥା ହୋଇଥିଲା। ଏହା ପ୍ରଭାବରେ ନୂତନ ଜଙ୍ଗଲ ସୃଷ୍ଟି ସହ ନଣ୍ଡାମୁଣ୍ଡିଆଗୁଡ଼ିକ ସବୁଜିମାର ଶ୍ରୀଶୋଭାରେ ମଣ୍ଡିତ ହୋଇଥିଲା। ଏହି ଯୋଜନାର କାର୍ଯ୍ୟକ୍ରମ ସୁଦୂରପ୍ରସାରୀ ଥିଲା। ଫଳରେ ନୟାଗଡ଼ର ବୁଦ୍ଧଗ୍ରାମ (କେଶରପୁର) ଜାତିସଂଘର ପୃଥିବୀ ପରିବେଶ ପୁରସ୍କାର, ଭାରତ ସରକାରଙ୍କ ବୃକ୍ଷମିତ୍ର ପୁରସ୍କାର ଏବଂ ଓଡ଼ିଶା ସରକାରଙ୍କର ପ୍ରକୃତିମିତ୍ର ପୁରସ୍କାର ଲାଭ କରିଛି। ଯେତେବେଳେ ପରିବେଶ ବଂଚାଅ ଆନ୍ଦୋଳନ ୧୯୭୨ରୁ ଆରମ୍ଭ ହେଲା, ସେତେବେଳେ ନୟାଗଡ଼ର ଏ ଅଂଚଳରେ ଠେଙ୍ଗାପାଳି ରୀତିମତ ଚାଲିଥିଲା। ଅବଶ୍ୟ ଏବେ ଏହା ଧିମେଇ ଯାଇ କିଛି ଅଂଚଳରେ ସୀମିତ ଅଛି। ବୋଧହୁଏ ଡ. ନାରାୟଣ ହଜାରୀଙ୍କୁ ବାର୍ଦ୍ଧକ୍ୟଜନିତ ଦୁର୍ବଳତା କାରଣରୁ ସେ ଅଂଚଳରେ ପ୍ରୋତ୍ସାହନ ଅଭାବ ରହିଯାଇଛି। କିନ୍ତୁ ଚେଷ୍ଟା ତାଙ୍କର ଏତେ ପ୍ରଭାବଶାଳୀ ଯେ ଏହା ପୃଥିବୀବାସୀଙ୍କ ଦୃଷ୍ଟି ଆକର୍ଷଣ କରିଛି। ଅରଣ୍ୟ ସଂରକ୍ଷଣ ନିମନ୍ତେ ଏହା ଏକ ସୁଚିନ୍ତିତ ଯୋଜନା ବୋଲି ନିଶ୍ଚିତ କରି ଲଣ୍ଡନ ବିଶ୍ୱବିଦ୍ୟାଳୟ ଏବଂ ବିଦ୍ୟାଳୟ ପାଠକ୍ରମରେ ଏହା ସ୍ଥାନ ପାଇ ପଢ଼ାଯାଉଛି। ଅଥଚ ଏ ବିଦ୍ୟା ଏଠି ଉପେକ୍ଷିତ ଏବଂ ଡ. ହଜାରୀ ଏଠି ପାଲଟି ଯାଇଛନ୍ତି ଶ୍ମଶାନ ତୁଳସୀ। ଆମ ପରିବେଶ ଆମ ଜୀବନ। ଜଙ୍ଗଲ ହିଁ ମଂଗଳ। ଏହାକୁ ଅବିଚାରିତ ଭାବରେ ଛେଦନ କରାନଯାଉ। ଖଣି ଶିଳ୍ପ ବା କାରିଗରୀକୁ ନେଇ ଏହାକୁ ଧ୍ୱଂସ କରାନଯାଉ।

ଜଙ୍ଗଲ ପ୍ରକୃତିର ସୌନ୍ଦର୍ଯ୍ୟର ଉତ୍ସ, ବର୍ଷାର ଗୋଡ଼, ମୃର୍ତ୍ତିକା ଓ ଜଳ ସଂରକ୍ଷକ, ଜଳଚକ୍ର ନିୟନ୍ତ୍ରକ, ଔଷଧ ବୃକ୍ଷର ଉତ୍ସ, ଖାଦ୍ୟବସ୍ତ୍ର, ପାନୀୟ, ଗୃହଉପକରଣର ଭଣ୍ଡାର, ବଣ୍ୟ ଜୀବଜନ୍ତୁ ଓ ପକ୍ଷୀମାନଙ୍କର ଆଶ୍ରୟସ୍ଥଳୀ ଏବଂ ଆମ ଜୀବନ ପାଇଁ ଅମ୍ଳଜାନର ସର୍ବବୃହତ୍ ଭଣ୍ଡାର, ଜଙ୍ଗଲ ଲୋପରେ ସବୁର ବିଲୋପ। ଗୋଟିଏ ଗଛ କୋଟିଏ ଜୀବନ।

ଏବେ ଆମେ ଜଙ୍ଗଲ ବଂଚାଇବାର ବେଳ। ଆମେ ଯଦି ସଂଘବଦ୍ଧ ଭାବରେ ଏହାର ମୁକାବିଲା ପାଇଁ ହାତ ନବଢ଼ାଇବା ଏ ମଣିଷ ଜାତି ଅଚିରେ ଧ୍ୱଂସ ପାଇଯିବ। ଏଣୁ ଏହାର ଜରୁରୀ ନିରାକରଣ ଖାଲି ଜନସଚେତନତାରେ ସମ୍ଭବ ନୁହେଁ। ସେଥିପାଇଁ ଆମକୁ ଅରଣ୍ୟ ପାଦଦେଶରେ ଥିବା ଗ୍ରାମମାନଙ୍କରେ ଠେଙ୍ଗାପାଳି କରିବାକୁ ହେବ। ଠେଙ୍ଗାପାଳି ବିଦ୍ୟା ପାଠ୍ୟପୁସ୍ତକରେ ସନ୍ନିବେଶିତ ହେବା ଉଚିତ୍।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road, Nayapalli, BBSR
Tel (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Praggan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com


# ସମସ୍ତଙ୍କ ପାଇଁ ସମାନ ଜନସଂଖ୍ୟା ନୀତି, ମାତୃଭାଷାରେ ଶିକ୍ଷା ଏବଂ ଆତ୍ମନିର୍ଭର ଭାରତ ପାଇଁ ପ୍ରଚେଷ୍ଟା



ଭୁବନେଶ୍ୱର (ପିଏନ୍): ୨୦୦୧ ମସିହାରେ ଜନସଂଖ୍ୟା ନିୟନ୍ତ୍ରଣ ନୀତି ଲାଗୁହେବା ପରେ ଜନସଂଖ୍ୟା ବୃଦ୍ଧିର ଟି.ଏଫ୍.ଆର. ବା ଦମ୍ପତିମାନଙ୍କର ହାରାହାରି ପ୍ରଜନନ ହାର ୩.୪ ରୁ କମି ୧.୯ରେ ପହଁଚିଛି । କିନ୍ତୁ ଏହି ଜନସଂଖ୍ୟା ନିୟନ୍ତ୍ରଣରେ ଅନେକ ଅସନ୍ତୁଳନ ଅଛି । କାରଣ ବିଭିନ୍ନ ବର୍ଗର ଦମ୍ପତିମାନଙ୍କର ପ୍ରଜନନ ହାରରେ ବେଶ ତାରତମ୍ୟ ରହିଛି ଏବଂ ଅନ୍ୟ କାରଣଗୁଡିକ ହେଉଛି ସୀମାବର୍ତ୍ତି ଅଂଚଳରେ ଅନୁପ୍ରବେଶର ବୃଦ୍ଧି ଓ ବିଭିନ୍ନ ସ୍ଥାନରେ ବେଆଇନ ଧର୍ମାନ୍ତରୀକରଣ । ଯେଉଁ କାରଣରୁ ଦେଶରେ ଜନସଂଖ୍ୟାର ଠିକ୍ ସନ୍ତୁଳନ ହୋଇ ପାରୁନାହିଁ। ଏହି ତ୍ରୁଟି କାରଣରୁ ଅତୀତରେ ଆମ ଦେଶର ବିଭାଜନ ହୋଇଛି ଏବଂ ଇଣ୍ଡୋନେସିଆ ଓ ସୁଦାନ ଭଳି ଦେଶ ମଧ୍ୟ ବିଭାଜନର ଶିକାର ହୋଇଛନ୍ତି । ଆଜି ଭାରତ ଏକ ଯୁବାଦେଶ କିନ୍ତୁ ଆଉ କିଛି ବର୍ଷ ପରେ ଏହା ବୃଦ୍ଧମାନଙ୍କ ଦେଶରେ ପରିଣତ ହେବ । ଏସବୁ ଗୁଡିକର ନିରାକରଣ ପାଇଁ ଉପଯୁକ୍ତ ଜନସଂଖ୍ୟା ନୀତି ପ୍ରଣୟନ ହେବା ଦରକାର । ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର କାର୍ଯ୍ୟକାରୀ ମଣ୍ଡଳ ବୈଠକରେ ଏହି ବିଷୟ ଗୁଡିକ ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରାଯାଇଥିଲା ବୋଲି ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ, ଓଡିଶା ପୂର୍ବପ୍ରାନ୍ତର ସଂଘଚାଳକ ସମୀର କୁମାର ମହାନ୍ତି ପ୍ରକାଶ କରିଛନ୍ତି । ଶ୍ରୀ ମହାନ୍ତି ଭୁବନେଶ୍ୱରଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ବିଷୟ ପ୍ରକାଶ କରି କହିଥିଲେ ଯେ, ଏହି ବୈଠକ ପ୍ରୟାଗରାଜର ଗୌହନିୟା ସ୍ଥିତ ବାତ୍ସଲ୍ୟ ବିଦ୍ୟାଳୟ ପରିସରରେ ଅକ୍ଟୋବର ୧୬ ତାରିଖରୁ ୧୯ ତାରିଖ ପର୍ଯ୍ୟନ୍ତ ଚାରିଦିନ ଧରି ଅନୁଷ୍ଠିତ ହୋଇଯାଇଛି । ସରସଂଘଚାଳକ ଡ.ମୋହନ ଭାଗବତ ଓ ସରକାର୍ଯ୍ୟବାହ ଦତାତ୍ରେୟ ହୋସଓ୍ୱାଲେ ପୂର୍ଣ୍ଣ ସମୟ ଧରି ଉକ୍ତ ବୈଠକରେ ଉପସ୍ଥିତ ଥିଲେ । ଏଥିରେ ସମଗ୍ର ଭାରତର ୩୭୯ ସଦସ୍ୟ ମଧ୍ୟରୁ ୩୭୨ ସଦସ୍ୟ ଯୋଗ ଦେଇଥିଲେ । ଓଡିଶାରୁ ୧୪ ଜଣଙ୍କ ମଧ୍ୟରୁ ୧୩ ଜଣ ଯୋଗ ଦେଇଥିଲେ । ଏହି ବୈଠକରେ ନୂତନ ଶିକ୍ଷାନୀତି ପ୍ରଚଳନ ଦ୍ୱାରା ମାତୃଭାଷା ମାଧ୍ୟମରେ ବିଦ୍ୟାଳୟ ଗୁଡିକରେ ଶିକ୍ଷାଦେବାର ବ୍ୟବସ୍ଥା କରିବା ପାଇଁ ଆହ୍ୱାନ କରାଯାଇଛି । ଯୁବ ସମାଜକୁ ରୋଜଗାର ନିମିତ ଚାକିରୀ ପରିବର୍ତ୍ତେ ଆତ୍ମନିର୍ଭରଶୀଳ ହେବା ପାଇଁ ମଧ୍ୟ ଆହ୍ୱାନ ଦିଆଯାଇଛି । ଏହାର ସୁଫଳ ମଧ୍ୟ ଦେଶରେ ଦେଖିବାକୁ ମିଳିଲାଣି । କାରଣ ୨୦୧୪ ମସିହାରେ ଆମ ଦେଶରେ ଷ୍ଟାର୍ଟ ଅପ୍ ସଂଖ୍ୟା ୫୦୦ ଥିଲା ବେଳେ ବର୍ତ୍ତମାନ ଏହା ବଢି ୬୦,୦୦୦ରୁ ଉର୍ଦ୍ଧ୍ୱରେ ପହଁଚିଲାଣି । ବୈଠକରେ ଆସିଥିବା ବିବରଣୀ ଅନୁସାରେ ଗତ ଏକ ବର୍ଷ ଭିତରେ ଦୈନିକ ଶାଖା ସଂଖ୍ୟାରେ ୬,୦୦୦, ସାପ୍ତାହିକ ଶାଖା ସଂଖ୍ୟାରେ ୪,୦୦୦ ଓ ମାସିକ ଶାଖା ସଂଖ୍ୟାରେ ୧,୮୦୦ ବୃଦ୍ଧି ଘଟିଛି । ସମଗ୍ର ଦେଶରେ ବର୍ତ୍ତମାନ ୬୧,୦୪୫ ଦୈନିକ ଶାଖା, ୨୨,୦୭୭ ସାପ୍ତାହିକ ଶାଖା ଓ ୯,୦୭୧ ମାସିକ ଶାଖା ଚାଲୁଅଛି । ଓଡିଶାରେ ମଧ୍ୟ ଦୈନିକ ଶାଖା ୧,୩୯୦, ସାପ୍ତାହିକ ଶାଖା ୩୦୪ ଓ ମାସିକ ୮୪ ଶାଖା ଚାଲୁଅଛି । ବିଗତ ୪ ବର୍ଷ ମଧ୍ୟରେ ୬,୦୦,୦୦୦ ଯୁବକ ଜଏନ ଆର.ଏସ୍.ଏସ୍ ମାଧ୍ୟମରେ ସଂଘର ସଦସ୍ୟତା ଗ୍ରହଣ କରିବା ପାଇଁ ଅନୁରୋଧ କରିଛନ୍ତି । ସେମାନଙ୍କ ଭିତରେ ୨୩,୦୦୦ ମହିଳା ମଧ୍ୟ ଅଛନ୍ତି । ୨୦୨୫ ମସିହା ସୁଦ୍ଧା ସଂଘର ଏକଶହ ବର୍ଷ ପୂର୍ତ୍ତି ଅବସରରେ ସମଗ୍ର ଦେଶରୁ ୪୦୦୦ ଶତାବ୍ଦୀ ବିସ୍ତାରକ ବାହାରିବା ପାଇଁ ଆହ୍ୱାନ ଦିଆଯାଇଛି । ବର୍ତ୍ତମାନ ସୁଦ୍ଧା ୩୦୦୦ ଶତାବ୍ଦୀ ବିସ୍ତାରକ ବାହାରିଛନ୍ତି । ଓଡିଶାରୁ ମଧ୍ୟ ୩୭ ଜଣ ବିସ୍ତାରକ ବାହାରି ସାରିଛନ୍ତି । କରୋନା ବିଭିଷିକା ସମୟରେ ଓଡିଶା ସମେତ ସମସ୍ତ ରାଜ୍ୟରେ ସଂଘ ସେବାସହିତ ଅନ୍ୟ ବିବିଧକାର୍ଯ୍ୟ ମଧ୍ୟ ସମ୍ପାଦିତ କରିଥିଲା । ଦେଶର ସମସ୍ତ କାର୍ଯ୍ୟବିଭାଗରେ ମହିଳାମାନଙ୍କ ଅଧିକ ସହଭାଗିତା ବଢୁ ସେଥିପାଇଁ ସଂଘ ପ୍ରୟାସ କରୁଛି । ମେଘାଳୟ, ତ୍ରିପୁରା ସହିତ ସମଗ୍ର ଉତରପୂର୍ବାଂଚଳ ରାଜ୍ୟମାନଙ୍କରେ ଜନଜାତି ସଂପ୍ରଦାୟର ଲୋକମାନେ ନିଜର ସ୍ୱାଭିମାନ ଜାଗରଣ କାରଣରୁ ସ୍ୱଧର୍ମର ସୁରକ୍ଷା ପାଇଁ ସଂଘ ସହିତ ଯୋଡି ହେବାକୁ ଚାହୁଁଛନ୍ତି ଏବଂ ଏଥିପାଇଁ ସଂଘର ସରସଂଘଚାଳକ ଡ.ମୋହନ ଭାଗବତଙ୍କୁ ମଧ୍ୟ ଆମନ୍ତ୍ରଣ କରୁଛନ୍ତି । ବୈଠକ ପ୍ରାରମ୍ଭରେ ଦେଶର ଦିବଙ୍ଗତ ନେତା ତଥା ବିଶିଷ୍ଟ ବ୍ୟକ୍ତିମାନଙ୍କ ବିୟୋଗରେ ଏକ ଶୋକ ପ୍ରସ୍ତାବ ଆଗତ କରାଯାଇ ନିରବ ପ୍ରାର୍ଥନା କରାଯାଇଥିଲା । ଏଥିରେ ଓଡିଶାର ସ୍ୱର୍ଗତଃ ପଦ୍ମଶ୍ରୀ ଡ.ରଜତ କର, ଜୟନ୍ତୀ ପଟ୍ଟନାୟକ, ବିଷ୍ଣୁ ସେଠୀ, ମନୋରଂଜନ ପାତ୍ର, ବୀଣାପାଣି ମହାନ୍ତି, ପାଣ୍ଡୁ ମାଝି ପ୍ରଭୃତି ବିଶିଷ୍ଟ ବ୍ୟକ୍ତିମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ଏହି ସାମ୍ବାଦିକ ସମ୍ମିଳନୀରେ କ୍ଷେତ୍ରକାର୍ଯ୍ୟବାହ ଡ. ଗୋପାଳ ପ୍ରସାଦ ମହାପାତ୍ର ଓ ସହପ୍ରାନ୍ତ ପ୍ରଚାର ପ୍ରମୁଖ ସୁମନ୍ତ କୁମାର ପଣ୍ଡା ମଧ୍ୟ ଉପସ୍ଥିତ ଥିଲେ ।

## ମୁଖ୍ୟମନ୍ତ୍ରୀଙ୍କ ଜନ୍ମଦିବସରେ ରକ୍ତଦାନ ଶିବିର

ଖୋର୍ଦ୍ଧା (ପିଏନ୍): ରାଜ୍ୟର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୭୭ତମ ଜନ୍ମଦିବସ ଅବସରରେ ବିଜୁ ଯୁବ ଓ ଛାତ୍ର ଜନତା ଦଳର ଖୋର୍ଦ୍ଧା ତରଫରୁ ସ୍ଥାନୀୟ ପୂର୍ତ୍ତ ବିଭାଗ ବଙ୍ଗଳା ପରିସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ବିଜୁ ଯୁବ ଜନତାଦଳ ଜିଲ୍ଲା ସଭାପିତି ରାଜେଶ ପରିଡ଼ା ଓ ଛାତ୍ର ଜନତାଦଳ ଜିଲ୍ଲା ସଭାପତି ବିଶ୍ୱଦୀପ ପ୍ରଧାନଙ୍କ ସଂଯୋଜନାରେ ଛାତ୍ର ବିଜେଡି ରାଜ୍ୟ ସଭାପତି ତଥା ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିବିରର ଉଦଘାଟନ କରିଥିଲେ । ଅନ୍ୟତମ ଅତିଥିଭାବେ ରାଜ୍ୟସଭା ସାଂସଦ ମିଜିବୁଲା ଖାନ୍ (ମୁନା), ସ୍ଥାନୀୟ ବିଧାୟକ ଜ୍ୟୋତିରିନ୍ଦ୍ରନାଥ ମିତ୍ର, ବିଜେଡି ଜିଲ୍ଲା ସଭାପତି ବିଭୁତିଭୂଷଣ ବଳବନ୍ତରାୟ, ଓଡିଶା ମୋ ପରିବାର ଆବାହକ ଅରୂପ ପଟ୍ଟନାୟକ, ରାଜ୍ୟ ସମ୍ପାଦକ ପ୍ରଦୀପ ସାହୁ, ଖୋର୍ଦ୍ଧା ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି, ଉପାଧ୍ୟକ୍ଷ ସୌର୍ଯ୍ୟରଞ୍ଜନ ମହାନ୍ତି, ଖୋର୍ଦ୍ଧାବ୍ଲକ ଉପାଧ୍ୟକ୍ଷ ପ୍ରକାଶ ସାମନ୍ତରାୟ, ରାଜ୍ୟ ସମ୍ପାଦକ ରୁଦ୍ର ସାମନ୍ତରାୟ, ଯୁବ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଅମିତ ମହାରଣା, ଛାତ୍ର ବିଜେଡି ମହାସଚିବ ଇପ୍ସିତା ସାହୁ, ଛାତ୍ର ବିଜେଡି ବରିଷ୍ଠ ଉପସଭାପତି ପ୍ରଦୋଷ ପରିଡା, ଖୋର୍ଦ୍ଧା ପର୍ଯ୍ୟବେକ୍ଷକ ଦେବୀପ୍ରସାଦ ଲେଙ୍କା, ବିସିଜେଡି ରାଜ୍ୟ ସାଧାରଣ ସମ୍ପାଦିକା ଆଶାଶ୍ରୀ ସାହୁ, ରାଜେଶ ପାଣି, ଓଡିଶା ମୋ ପରିବାର ଜିଲ୍ଲା ସଂଯୋଜକ ତଥା ଜିଲ୍ଲା ଉପସଭାପତି ଦିଲିପ କୁମାର ହୋତା, ବିଜୁ ମହିଳା ଜନତା ଦଳ ବରିଷ୍ଠ ଉପସଭାନେତ୍ରୀ ବାସନ୍ତୀ ମହାପାତ୍ର, ବିଜୁ ମହିଳା ଜନତା ଦଳ ଜିଲ୍ଲା ସଭାନେତ୍ରୀ ଗୀତାଞ୍ଜଳୀ ପାଟଶାଣୀ ପ୍ରମୁଖଙ୍କ ସମେତ ବହୁ ରାଜ୍ୟ ଓ ଜିଲ୍ଲାସ୍ତରୀୟ କର୍ମକର୍ତା ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ । ଶିବିରରେ ବହୁ ଛାତ୍ରଛାତ୍ରୀ, ଜିଲ୍ଲାର ବହୁ ଉତ୍ସାହୀ ଯୁବକ ପ୍ରମୁଖ ଯୋଗଦେଇ ସ୍ୱଇଚ୍ଛାରେ ରକ୍ତଦାନ କରିଥିଲେ । ଏଠାରେ ୧୫୦ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା । ଏହି ଅବସରରେ ଶିବିର ନିକଟରେ କରାଯାଇଥିବା ମୁଖ୍ୟମନ୍ତ୍ରୀଙ୍କ ଫଟୋ କଟିଂ ସହ କରାଯାଇଥିବା ସେଲ୍ଫି ପଏଂଟରେ ପ୍ରବଳ ଭିଡ ଜମିଥିବା ପରିଲକ୍ଷିତ ହୋଇଥିଲା । ଶିବିରକୁ ପରିଚାଳନାରେ ଦେବୀପ୍ରସାଦ ଦାସ, ସଂଗ୍ରାମ ପ୍ରଧାନ (ଚନ୍ଦନ), ଈଶ୍ୱର ପାଇକରାୟ (ସୁଟୁ), ଶୁଭ୍ରମ କେଶରୀ ବଡଜେନା, ପ୍ରୀତମ ସୁନ୍ଦରାୟ, ରୁଦ୍ରାଭିଶେକ ମାନଧାତା, ଶୁଭମ ମହାପାତ୍ର, ସୋମେଶ ମହାନ୍ତି, ଚଗ ସାହୁ, ହରପ୍ରିୟ ସାହୁ, ଓ୍ୱାଜେଦା ଜାସମିନ, ବୈଶାଳୀ ଦଳେଇ, ନୁପୁର ସାମନ୍ତସିଂହାର, ସୁମିତ୍ରା ପଟ୍ଟନାୟକ, ଚନ୍ଦନ ପଟ୍ଟନାୟକ, ସ୍ନେହଲତା ମୁର୍ମୁ, ସ୍ୱପ୍ନା ନାୟକ, ଶ୍ରୀଜୀ ସାହୁ ପ୍ରମୁଖ କର୍ମକର୍ତା ସହଯୋଗ କରିଥିଲେ ।

ଖେଳ
# ପର୍ଯ୍ୟବେକ୍ଷକ
ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ
୨୬ ବର୍ଷରେ
Bhubaneswar Tuesday March 05, 2024 ଭୁବନେଶ୍ୱର ମଙ୍ଗଳବାର, ମାର୍ଚ୍ଚ ୫ ,୨୦୨୪ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com


## କଂଗ୍ରେସର ବଡ ବିଜୟ : କେନ୍ଦ୍ରାପଡାକୁ ରେଳ ଗଡିବ



କେନ୍ଦ୍ରାପଡା,(ପି.ଏନ): ଆଜି କେନ୍ଦ୍ରାପଡା ବ୍ଲକ ଓ ନଗର କଂଗ୍ରେସ ପକ୍ଷରୁ ଗରାପୁର କଂଗ୍ରେସ କାର୍ଯ୍ୟାଳୟଠାରେ ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା ଏକ ସାମ୍ବାଦିକ ସମ୍ମିଳନୀ ଆହୂତ କରି କହିଛନ୍ତି ଯେ ହରିଦାସପୁର-ପାରାଦ୍ୱୀପ ରେଳପଥରେ ଯାତ୍ରୀବାହୀ ରେଳ ଚଳାଚଳ ନିଷ୍ପତ୍ତି କଂଗ୍ରେସର ଏକ ବଡ ବିଜୟ । ଏହି ବିଜୟ ପାଇଁ ସେ କେନ୍ଦ୍ରାପଡାବାସୀ ଓ ସମସ୍ତ ସହଯୋଗୀ କଂଗ୍ରେସ କର୍ମୀଙ୍କୁ କୃତଜ୍ଞତା ଜଣାଇଛନ୍ତି । ଶ୍ରୀ ବେହେରା ଆହୁରି କହିଛନ୍ତି ଯେ କେନ୍ଦ୍ରାପଡାକୁ ରେଳ ସେବା ଯୋଗାଇବା ନିମନ୍ତେ କଂଗ୍ରେସ ତା୨୩.୦୯.୨୦୨୦ରିଖଠାରୁ ଯେଉଁ ଦିନ ହରିଦାସପୁର-ପାରାଦ୍ୱୀପ ରେଳପଥରେ ମାଲବାହି ଟ୍ରେନ୍ ଗଡିଲା ନିରବଚ୍ଛିନ୍ନ ଭାବେ କଂଗ୍ରେସ ଆନ୍ଦୋଳନ କରିଚାଲିଛି । ଆନ୍ଦୋଳନର ବିବରଣୀ ଦେଇ ସେ କହିଛନ୍ତି ଯେ, ତିନି ତିନି ଥର ଇଷ୍ଟକୋଷ୍ଟ ରେଲୱେର ମହା ପ୍ରବନ୍ଧକଙ୍କୁ ଭେଟ କରି ଦାବିପତ୍ର ଦିଆଯାଇଛି । ରେଳମନ୍ତ୍ରୀଙ୍କୁ ତିନିଖଣ୍ଡ ଚିଠି ଲେଖାଯାଇଛି । ବର୍ତ୍ତମାନର ରେଳମନ୍ତ୍ରୀଙ୍କୁ ଗତ ତା୩୦.୦୧.୨୦୨୪ରିଖରେ ଶେଷ ଚିଠି ଲେଖାଯାଇଛି । ପ୍ରଧାନମନ୍ତ୍ରୀଙ୍କୁ ଗତ ତା୦୨.୦୩.୨୦୨୪ରିଖରେ ଚିଠି ଲେଖି ଅନୁରୋଧ କରାଯାଇଛି । ଏଥି ସାଙ୍ଗକୁ ନଭେମ୍ବର ୨୦୨୧ରେ କେନ୍ଦ୍ରାପଡାର ଗୋପଠାରେ ରେଳରୋକ ଆନ୍ଦୋଳନ ଓ ତା୦୨.୦୧.୨୦୨୩ରେ ଇଷ୍ଟକୋଷ୍ଟ ରେଲୱେର ସଦର ମହକୁମା ଭୁବନେଶ୍ୱରଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । କେନ୍ଦ୍ରାପଡା ବ୍ଲକ ଓ ନଗର କଂଗ୍ରେସ ତରଫରୁ କେନ୍ଦ୍ରାପଡାରେ ବିଗତ ୨ ବର୍ଷ ମଧ୍ୟରେ ତୁରନ୍ତ ଯାତ୍ରୀବାହୀ ରେଳ ଚଳାଚଳ ଦାବି ନେଇ ଜିଲ୍ଲାପାଳଙ୍କ ଅଫିସ୍ ସମ୍ମୁଖରେ "ମାଟି ପାଇଁ ପାଟି ଖୋଲ", "ମାଟି ପାଇଁ ମାଡି ଚାଲ" ଓ "ମାଟି ପାଇଁ ଜେଲ ଚାଲ" ମହାଆନ୍ଦୋଳନ କରାଯାଇଛି । ଶ୍ରୀ ବେହେରା ଦାବି କରିଥିଲେ ଯେ ଯାତ୍ରୀବାହୀ ରେଳ ଚଳାଚଳର ଶ୍ରେୟ କେବଳ କଂଗ୍ରେସର ପ୍ରାପ୍ୟ । ସେ ପ୍ରଧାନମନ୍ତ୍ରୀଙ୍କ ପାଖରେ କେନ୍ଦ୍ରାପଡାକୁ କଲିକତା ସହ ରେଳ ସଂଯୋଗ କରିବା ପାଇଁ କେନ୍ଦ୍ରାପଡାବାସୀଙ୍କ ତରଫରୁ ଦାବି ଜଣାଇଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ନଗର କଂଗ୍ରେସ ସଭାପତି ରାଜେଶ ମହାନ୍ତି, ପୂର୍ବତନ ନଗରପାଳ ଆକବର ଅଲ୍ଲୀ, ପୂର୍ବତନ କାଉନସିଲର ହିବଜୁର ରହେମାନ, ଜିଲ୍ଲା କଂଗ୍ରେସ ଉପସଭାପତି ସୌମେନ୍ଦ୍ର ପୃଷ୍ଟି, ପିସିସି ପୂର୍ବତନ ସମ୍ପାଦକ ମୁକ୍ତାର ଖାଁ, କାଉନସିଲର ଚାନ୍ଦ ବାବୁ, ଡିସିସି ସାଧାରଣ ସମ୍ପାଦକ ସିଦ୍ଧାର୍ଥ ଜେନା, ଡିସିସି ସାଧାରଣ ସମ୍ପାଦକ ମୀର ମୁରସିଦ୍ ?, ଡିସିସି ସାଧାରଣ ସମ୍ପାଦକ ଅଭିଷେକ ବିଶ୍ୱାଳ, ବିଧାନସଭା ଯୁବ କଂଗ୍ରେସ ସଭାପତି ରତିକାନ୍ତ ସାମଲ, ପୂର୍ବତନ ସରପଞ୍ଚ ତଥା ସମବାୟ ସଭାପତି ପ୍ରଦ୍ୟୁମ୍ନ ଜେନା ଓ ଜିଲ୍ଲା ଯୁବ କଂଗ୍ରେସ ଉପସଭାପତି ହିମାଂଶୁ ବେହେରା, ପୂର୍ବତନ ସରପଞ୍ଚ ଦିଲ୍ଲୀପ କୁମାର ରାଉତ ପ୍ରମୁଖ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ଚନ୍ଦ୍ରକାନ୍ତ ବେହେରା, ଦୀପକ ଭଦ୍ର, ପ୍ରଶାନ୍ତ ରାଉତ, ପୂର୍ବତନ ସରପଞ୍ଚ ବାବାଜୀ ମଲ୍ଲିକ, ପଞ୍ଚାୟତ କଂଗ୍ରେସ ସଭାପତି କୃଷ୍ଣଚନ୍ଦ୍ର ମଲ୍ଲିକ, ସୟଦ ଇସ୍ମାଇଲ ହୁସେନ, ବିଚିତ୍ର ଲେଙ୍କା ପ୍ରମୁଖ ଯୋଗ ଦେଇଥିଲେ ।

## ଏଏମ୍/ଏନ୍ଏସ୍ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର ଆୟୋଜିତ

ପାରାଦୀପ,(ପି.ଏନ): ବିଶ୍ୱର ଅଗ୍ରଣୀ ଷ୍ଟିଲ ନିର୍ମାତା ଆର୍ସେଲର ମି ଲ ଏବଂ ନିପ୍ପନ ଷ୍ଟିଲ୍ (ଏଏମ୍/ଏନ୍ଏସ୍) ପକ୍ଷରୁ କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ ପଦକ୍ଷେପ ପ୍ରକଳ୍ପ ଆରୋଗ୍ୟର ଏକ ଅଂଶ ବିଶେଷ ଭାବେ ମହାକାଳପଡା ବ୍ଲକର ୧୧ଟି ଗ୍ରାମରେ ମଲ୍ଟି-ସ୍ପେସିଆଲିଟି ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଯାଇଛି । ସ୍ତ୍ରୀରୋଗ, ଚର୍ମରୋଗ, ଚକ୍ଷୁ,ଶିଶୁ ରୋଗ ଏବଂ ମେଡିସିନ୍ ବିଭାଗର ବରିଷ୍ଠ ଚିକିତ୍ସକମାନେ ଯୋଗ ଦେଇ ରୋଗୀମାନେଙ୍କୁ ମାଗଣା ଔଷଧ ବ ନ କରିଥିଲେ । ମହାକାଳପଡା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରର ଡା. ନିରଂଜନ ଷଡଙ୍ଗୀ, ଖରିନାସି ସରପଂଚ ବନିତା ରାଉତ, ଏଏମ୍/ଏନ୍ଏସ୍ ଇଣ୍ଡିଆ ଓଡିଶା ଅପରେସନ୍ ଫାଇନାନ୍ସ ମୁଖ୍ୟ ସଂଜୀବ ସିଂ, ଏଏମ୍/ଏନ୍ଏସ୍ ଇଣ୍ଡିଆ ସିଏସଆର ମୁଖ୍ୟ ଡ.ବିକାଶ ଯାଦଭେନ୍ଦୁଙ୍କ ସମେତ କମ୍ପାନୀର ବହୁ ଅଧିକାରୀ ଏହି ସ୍ୱାସ୍ଥ୍ୟ ଶିବିରରେ ଯୋଗ ଦେଇଥିଲେ ।

## ପାରାଦୀପ ବନ୍ଦର ପକ୍ଷରୁ ୫୩ତମ ଜାତୀୟ ସୁରକ୍ଷା ସପ୍ତାହ ପାଳନ

ପାରାଦୀପ,(ପି.ଏନ): ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ସୋମବାର ଦିନ ୫୩ ତମ ଜାତୀୟ ସୁରକ୍ଷା ସପ୍ତାହ ପାଳନ କରାଯାଇଛି । ଏହି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ ବନ୍ଦର ଅଧ୍ୟକ୍ଷ ପି.ଏଲ୍.ହରନାଦ । ଏହି ଅବସରରେ ଅନୁଷ୍ଠିତ ସଚେତନତା ଶୋଭାଯାତ୍ରାକୁ ପ୍ରଶାସନିକ ଭବନରେ ଶୁଭାରମ୍ଭ କରିଥିଲେ ଶ୍ରୀ ଦରନାଦ । ପାରାଦୀପ ବନ୍ଦର ପୋତାଶ୍ରୟ ମଧ୍ୟରେ ଥିବା ଯାନ୍ତ୍ରିକ କୋଇଲା ବୋଝେଇ ପ୍ଲା ନିକଟରେ ଶ୍ରମିକ, କର୍ମଚାରୀମାନଙ୍କ ସୁରକ୍ଷା ନିମନ୍ତେ ଆବଶ୍ୟକୀୟ ଫ୍ଲାଏ ଓଭର ବ୍ରିଜ୍ର କାମ ଯୁଦ୍ଧକାଳୀନ ଭି ିରେ ଚାଲୁ ରହିଛି । ବନ୍ଦର ଅନ୍ତେବାସୀଙ୍କ ପ୍ରସ୍ଥାନ ନିମନ୍ତେ ଦ୍ୱିତୀୟ ଯାତାୟତ ପଥ ଅଠରବାଙ୍କୀ କ୍ରିକ୍ ଉପରେ ତିଆରି ଚାଲିଥିବା ସୂଚନା ଦେଇଥିଲେ ଅଧ୍ୟକ୍ଷ ଶ୍ରୀ ହରନାଦ । କାର୍ଯ୍ୟ କ୍ଷେତ୍ରରେ ଆବଶ୍ୟକ ଥିବା ସୁରକ୍ଷା ନିମନ୍ତେ ବନ୍ଦର କ ୃପକ୍ଷ ସବୁବେଳେ ସଚେତନ ରହିଛନ୍ତି । ବନ୍ଦର ଏବେ ଦୁର୍ଘଟଣା ମୁକ୍ତ ରହିଥିବା ସେ କହିଥିଲେ । ଏହି କାର୍ଯ୍ୟକ୍ରମରେ ଉପାଧ୍ୟକ୍ଷ ନିଲଭ୍ର୍ ଦାସଗୁପ୍ତା, କାର୍ଯ୍ୟନିର୍ବାହୀ ସିଇଏମଇ କ୍ୟାପଟେନ ଏ.ସି.ସାହୁଙ୍କ ସମେତ ବନ୍ଦର ସୁରକ୍ଷା ଅଧିକାରୀଙ୍କ ସମେତ ବିଭାଗୀୟ ମୁଖ୍ୟ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ଇଫକୋ ପକ୍ଷରୁ ୫୩ତମ ଜାତୀୟ ସୁରକ୍ଷା ସପ୍ତାହ ପାଳିତ

ପାରାଦୀପ,(ପି.ଏନ): ପାରାଦୀପସ୍ଥିତ ବୃହ ମ ସାର ଉତ୍ପାଦନକାରୀ ସଂସ୍ଥା ଇଫକୋ ପକ୍ଷରୁ ୫୩ ତମ ଜାତୀୟ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ ସମାରୋହରେ ମୁଖ୍ୟଅତିଥି ଭାବେ ଏଫଆଣ୍ଡବି,କଟକ ଡିଭିଜନ ଏମ୍.କେ.ପଣ୍ଡା ଯୋଗ ଦେଇଥିଲେ । ଇଫକୋର କର୍ମଚାରୀ, ଅଧିକାରୀ ତଥା ଠିକା ଶ୍ରମିକମାନଙ୍କୁ ଜିରୋ ଆକ୍ସିଡେ ନୀତି ପାଳନ କରିବାକୁ ନିବେଦନ କରିଥିଲେ । ୟୁନିଟ୍ ହେଡ୍ କେ.ଜେ.ପଟେଲ୍ ଇଫକୋର କର୍ମଚାରୀ ଓ ଠିକା ଶ୍ରମିକମାନେ ପ୍ଲା ପରିସରକୁ ସ୍ୱଚ୍ଛ ରଖିବା ସହିତ ଦୁର୍ଘଟଣା ମୁକ୍ତ ରକିବାକୁ ନିବେଦନ କରିଥିଲେ । ଇଫକୋ ସବୁବେଳେ ଦୁର୍ଘଟଣାମୁକ୍ତ ଶିଳ୍ପ ଭାବେ ନିଜର ସ୍ୱାତନ୍ତ୍ରତା ବଜାୟ ରଖିଛି । ଆଗାମୀ ଦିନରେ ଏହାକୁ ବଜାୟ ରଖିବାକୁ ସେ ସମସ୍ତଙ୍କୁ ଅନୁରୋଧ କରିଥିଲେ । ଜେଜିଏମ୍ (ଏଫଆଣ୍ଡଏସ) ଆର.କେ.ସ୍ୱାଇଁ ଆଗାମୀ ବର୍ଷ ଇଫକୋ ପାରାଦୀପ ୟୁନିଟ୍କୁ ଦୁର୍ଘଟଣା ମୁକ୍ତ ପ୍ଲା ଭାବେ କାର୍ଯ୍ୟ କରାଯିବାର ଲକ୍ଷ୍ୟ ଥିବା ଘୋଷଣା କରିବା ସହିତ ଏଥିରେ ସମସ୍ତଙ୍କ ସହଯୋଗ ଲୋଡିଥିଲେ ।

## ପାଟକୁରା ବିଧାନସଭା ପାଇଁ ବିଜୟ ପରିଡାଙ୍କ ନାମ ଦାବିକଲା ଯାଦବ ମହାସଭା



କେନ୍ଦ୍ରାପଡ଼ା,(ପି.ଏନ): କେନ୍ଦ୍ରାପଡ଼ା ଜିଲ୍ଲା ଯାଦବ ମହାସଭାର ଗରାପୁରସ୍ଥିତ ଜିଲ୍ଲା ମୁଖ୍ୟ କାର୍ଯ୍ୟଳୟରେ ଜିଲ୍ଲା କାର୍ଯକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସଭାପତି ପ୍ରଭାକର ପଲାଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଆଗାମୀ ୨୦୨୪ ସାଧାରଣ ନିର୍ବାଚନରେ ଯାଦବ ମାନେ ନିର୍ବାଚନରେ ଭାଗ ନେବା ସମ୍ପର୍କରେ ଆଲୋଚନା କରାଯାଇଥିଲା । ଧାର୍ଯ୍ୟ ସମୟ ମଧ୍ୟରେ ଜିଲ୍ଲାର ବିଭିନ୍ନ ନିର୍ବାଚନ ମଣ୍ଡଳୀରୁ ପାର୍ଥୀମାନେ ଆବେଦନ କରିଥିବା ଆବେଦନ ପତ୍ରକୁ ସ୍କ୍ରିନିଂ କମିଟି କୁ ପଠାଯାଇଥିଲା । ସ୍କ୍ରିନିଂ କମିଟି ଠାରୁ ସୁପାରିଶ ପାଇଲା ପରେ ପାଟକୁରା ନିର୍ବାଚନ ମଣ୍ଡଳୀରୁ ବରିଷ୍ଠ ଆଇନଜୀବୀ, ପଛୁଆବର୍ଗଙ୍କ ନେତା , ଆର. ଏମ. ସି. ର ଉପାଧ୍ୟକ୍ଷ ତଥା କୃଷକନେତା ବିଜୟ କୁମାର ପରିଡାଙ୍କ ନାମକୁ ଉତ୍କଳ ଯାଦବ ମହାସଭାର ସଭାପତି ମୁଖ୍ୟମନ୍ତ୍ରୀ ତଥା ବିଜୁଜନତା ଦଳର ସଭାପତି ନବୀନ ପଟ୍ଟନାୟକଙ୍କୁ ସୁପାରିସ କରିଛନ୍ତି । କେନ୍ଦ୍ରାପଡ଼ା ଜିଲ୍ଲା ଯାଦବ ମହାସଭାର ସୁପାରିସ ପାଇବା ପରେ ଉତ୍କଳ ଯାଦବ ମହାସଭାର ସଭାପତି ଆଶିର୍ବାଦ ବେହେରା ପାଟକୁରା ବିଧାନସଭା ଆସନ ପାଇଁ ବିଜୟ କୁମାର ପରିଡାଙ୍କ ନାଁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବୀ କରିଥିବା ମହାସଭା ପକ୍ଷରୁ କୁହାଯାଇଛି ।

## ଖପ୍ରାଖୋଲରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନଶୁଣାଣି

ଖପ୍ରାଖୋଲ(ପିଏନ): ସ୍ଥାନୀୟ ବ୍ଲକ୍ ସଭା ଗୃହ ଠାରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନଶୁଣାଣି ସୋମବାର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଜିଲ୍ଲାପାଳ ଗୌରବ ଶିବାଜୀ ଇସବାଓ୍ୱାଲ, ଆରକ୍ଷୀ ଅଧିକ୍ଷକ ଋଷିକେଶ ଖିଲାରି ଯୋଗଦେଇ ଅଭିଯୋଗ ଶୁଣାଣୀ କରିଥିଲେ ।

## ଜାହାଜକୁ ଗୋମାଂସ ଚାଲଣ ବେଳେ ଧରିଲେ ବଜରଙ୍ଗ ଦଳ କର୍ମୀ

ପାରାଦୀପ,(ପି.ଏନ): ପାରାଦୀପ ବନ୍ଦର ଗେଟ୍ ନମ୍ବର-୪ ଦେଇ ଜାହାଜକୁ ଗୋମାଂସ ଚାଲଣ ହେଉଥିବା ଜାଣି ଚାଲଣ ହେଉଥିବା ଟ୍ରକ୍କୁ ଅଟକ ରଖି ଥାନାରେ ଜିମା ଦେଇଛନ୍ତି ପାରାଦୀପ ବଜରଙ୍ଗ ଦଳ କର୍ମୀ । ଘଟଣାରୁ ପ୍ରକାଶଯେ, ସୋମବାର ଦିନ ପାରାଦୀପ ବନ୍ଦରରେ ଲାଗିଥିବା ଏକ ଜାହାଜରେ ପରିବା ସମେତ ଅନ୍ୟାନ୍ୟ ସାମଗ୍ରୀ ଯୋଗାଇ ଦେବା ପାଇଁ ଏପି-୩୯-ଭିସି-୧୯୦୮ ନମ୍ବର ବିଶିଷ୍ଟ ଟ୍ରକ୍ ପାରାଦୀପ ବନ୍ଦର ଗେଟ୍ ନମ୍ବର-୪କୁ ଆସିଥିଲା । ଟ୍ରକ୍ରୁ ଦୁର୍ଗନ୍ଧ ଆସୁଥିବା ଦେଖିଥିଲେ ପାରାଦୀପ ବଜରଙ୍ଗ ଦଳର କର୍ମୀ । ସେମାନେ ଏକଜୁଟ୍ ହୋଇ ଟ୍ରକ୍ରେ କଣ ଅଛି ବୋଲି ଜାଣିବାକୁ ଚାହିଁଥିଲେ । ଟ୍ରକ୍ର ଚାଳକ ସେଥିରେ ପରିବା ଓ ତେଜରାତି ସଉଦା ଥିବା କଥା କହିଥିଲେ । ଏହା ବଜରଙ୍ଗ ଦଳର କର୍ମୀ ସନ୍ଦେହ ଲାଗିବାରୁ ସେମାନେ ନିକଟସ୍ଥ ପାରାଦୀପ ଆଦର୍ଶ ଥାନା ଅଧିକାରୀଙ୍କୁ ଜଣାଇଥିଲେ । ଥାନା ଅଧିକାରୀଙ୍କ ନିର୍ଦ୍ଦେଶରେ ଅନ୍ୟ ଅଧିକାରୀ ସେଠାରେ ପହଂଚି ଟ୍ରକ୍କୁ ଥାନାକୁ ଆଣିଥିଲେ । ପରେ ଟ୍ରକ୍ର ତାଲା ଖୋଲିବା ପରେ ସେଥିରେ ପରିବା ଓ ଅନ୍ୟାନ୍ୟ ସାମଗ୍ରୀ ସହିତ ଚାରି ପ୍ୟାକେଟ୍ ଗୋମାଂସ ବୋଝେଇ ପ୍ୟାକେଟ୍ ମିଳିଥିଲା । ପୋଲିସ୍ ଏହାକୁ ଜବତ କରିବା ସହିତ ପରୀକ୍ଷା ନିମନ୍ତେ ପଠାଇଛି ।

## ଚୋରି ଅଭିଯୋଗରେ ୭ ଆନ୍ତଃରାଜ୍ୟ ମହିଳା ଗିରଫ



ମାଲକାନଗିରି,(ପି.ଏନ): କାଲିମେଲା ବ୍ଲକର ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଥିବା ଗୋଦାମ ଗୃହରେ ତାଲା ଭାଙ୍ଗି ଚୋରି କରୁଥିବା ୭ ଆନ୍ତଃରାଜ୍ୟ ମହିଳା ପୋଲିସ ଗିରଫ କରିଛି । ସେମାନେ ମୁଣ୍ଡର ଚୁଟି ନେଇ ତା ବଦଳରେ ଗିନାର ଅଦଳ ବଦଳ ବିକ୍ରି କରୁଥିବା ବାହାନାରେ ପୋଡ଼ଶୀ ରାଜ୍ୟ ତେଲେଙ୍ଗାନାରୁ ଓଡିଶା ଆସି ଗାଁ ଗହଳିର ବିଭିନ୍ନ ସାହି ସାହିରେ ବୁଲୁଥିବା ମହିଳା ଗ୍ୟାଙ୍ଗକୁ କାଲିମେଲା ଥାନା ଭାରପ୍ରାପ୍ତ ଅଧିକାରୀ ଚନ୍ଦ୍ର କାନ୍ତ ତାଣ୍ଡିଙ୍କ ନିର୍ଦ୍ଦ ?ଶ କ୍ରମେ ଏସ.ଆଇ ସୁଜିତ କୁମାର ବିଶ୍ୱାସଙ୍କ ସହ ଏକ ପୋଲିସର ଟିମ ମିଶି ଏହି ମହିଳାମାନଙ୍କୁ ଗିରଫ କରି ଆଣି ଗତ କାଲି ଥାନାରେ ଅଟକ ରଖି ଅଧିକ ପଚରା ଉଚରା କରି ଥିଲେ । ତାଙ୍କ ଠାରୁ ଗୋଦାମ ଗୃହରେ ଗଛିତ ହୋଇଥିବା ଆର୍ ଡବ୍ଲୁଏସଏସ ବିଭାଗର ୩୦ ଗୋଟି ସିଲିଣ୍ଡର ଓ ୭୦୦ ଗୋଟି ଲୁହା ନଳ କୂପ ସାମଗ୍ରୀ ଇତ୍ୟାଦି ଚୋରି କରିଥିବା କିଛି କିଛି ଜିନିଷ ତାଙ୍କ ଥଳି ବ୍ୟାଗରୁ ପାଇବା ପରେ ଆଜି କୋର୍ଟ ଚାଲାଣ କରିଛି । ଗତକାଲି ରବିବାର ହୋଇଥିବାରୁ ବିଭଗୀୟ କର୍ମଚାରି ଅଫିସକୁ ଆସିବେ ନାହିଁ ଭାବି ଗୋଦାମ ଗୃହର ତାଲା ଭାଙ୍ଗି ଚୋରି କରୁଥିବା ସମୟରେ କାଲିମେଲା ଗ୍ରାମ ପଞ୍ଚୟତର ପିଅନ ତଥା ସୁଧାଂଶୁ ଭଣ୍ଡାରୀ ପ୍ରଥମେ ଦେଖି ଖବର ଦେବା ପରେ ଆର୍ ଡବ୍ଲୁ ଏସ ଏସ ବିଭାଗର ସହକାରୀ ଯନ୍ତ୍ରୀ ସୁକୁମାର ପ୍ରଧାନ କାଲିମେଲା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ପାଇ କାଲିମେଲା ଥାନା ପକ୍ଷରୁ କେସ ନମ୍ବର ୭୫/୨୪ ତା: ୦୩.୦୩.୨୪ ରେ ଧାରା ୪୫୪/ ୩୮୦/୫୧୧ ଆଇପିସିରେ ମାମଲା ରୁଜୁ କରାଯାଇଥିଲା । ସେମାନେ ହେଲେ ତେଲେଙ୍ଗାନା ରାଜ୍ୟର ଓ୍ୱାରଙ୍ଗଲ ଜିଲ୍ଲାର ମୁଲୁଗୁ ପୋଲିସ ଥାନା ଅଧୀନ ବଂଜାରୁପଲ୍ଲୀ ଗ୍ରାମର ଦାସାରି ନରସିମା ଙ୍କ ସ୍ତ୍ରୀ ଦାସାରୀ ନୟମ୍ମା ଓ ଭାନାମ ରାଜେଶ ଙ୍କ ସ୍ତ୍ରୀ ଭାନାମ ରେଣୁକା କରିମ ନଗର ଜିଲ୍ଲାର ସିରିପୁରମ ଥାନା ଅଧୀନ ଦୁବାପଲ୍ଲୀ ଗ୍ରାମର ଦାସରୀ ସନ୍ତାୟା ଙ୍କ ସ୍ତ୍ରୀ ଦାସରୀ ରେବୀକା ଓ କାନ୍ଦଲା ଗଣେଶ ଙ୍କ ସ୍ତ୍ରୀ କାନ୍ଦଲା ସୁବ୍ରତା କଡାଗୁଡେମ ଜିଲ୍ଲାର ଚେର୍ଲା ଗ୍ରାମ ର କାନ୍ଦଲା ଚାନ୍ଦାରମା ଙ୍କ ସ୍ତ୍ରୀ କାନ୍ଦଲା ମହେଶମ୍ମା ଓ କାନ୍ଦଲା କୋଷୟା ଙ୍କ ସ୍ତ୍ରୀ କାନ୍ଦଲା ତିରୁପତି ଆମ୍ମା ଓ ମଞ୍ଚ ?ର୍ଲା ଜିଲ୍ଲାର ଉତକୁର ଥାନା ଅଧୀନ ଲକ୍ସ୍ମଲପେଟା ଗ୍ରାମ ର ବଲାନି ସମୟା ଙ୍କ ସ୍ତ୍ରୀ ବଲାନି ଭେନକେଟ ଆମ୍ମା ଏହି ସାତ ଜଣ ଅନ୍ତୋରାଜ୍ୟ ଚୋରଙ୍କୁ ଆଜି କାଲିମେଲା ପୋଲିସ କୋର୍ଟ ଚାଲାଣ କରିଥିବା ବେଳେ ଗିରଫ ସମସ୍ତ ମହିଳା ମାନେ ତେଲେଙ୍ଗାନା ରାଜ୍ୟର ଅଟନ୍ତି । ଏହି ଘଟଣାର ତଦନ୍ତକାରୀ ଅଫିସର ଏସ.ଆଇ ସୁଜିତ କୁମାର ବିଶ୍ୱାସ ରହିଥିବା କଥା କାଲିମେଲା ଥାନା ଭାରପ୍ରାପ୍ତ ଅଧିକାରୀ ଚନ୍ଦ୍ରକାନ୍ତ ତାଣ୍ଡି ପ୍ରକାଶ କରିଛନ୍ତି ।

ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V
25% reservation as per RTE Act (2009)
FIND THE DIFFERENCE
- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities



TUITION CLASSES
for Std I to Std V
Timing: 5 PM to 6.30 PM
MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

Printed & Published by Budhadev Mohapatra on behaöf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Puböished at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray